
୧୧ ଅକ୍ଟୋବର ୨୦୨୬ ରବିବାର
'ଉଦଣ୍ଡ'ଙ୍କ
ଅସ୍ତ୍ର



# ବିଶ୍ୱନାଥ ନାନା ପାଟେକରଙ୍କର ଅବଦାନ ପାଇଁ ଭାରତୀୟ ସିନେମା ତାଙ୍କ ପାଖେ ଚିରଦିନ ଋଣି ରହିବ । ଚରିତ୍ର 'ଉଦୟ ଭାଇ' ପାଇଁ ସେ ୯୦ ଦଶକରୁ ଆରମ୍ଭ କରି ଆଜିର ଜେନଜିଙ୍କର ମଧ୍ୟ ପ୍ରିୟ । ତାଙ୍କର ବଳିଷ୍ଠ ସଂଳାପ ଓ ଜୀବନ୍ତ ଅଭିନୟ ପାଇଁ ସେ କୋଟିକୋଟି ଦର୍ଶକଙ୍କ ହୃଦୟରେ ଚିର ଅମର ହୋଇ ରହିଥିବେ ।

୮ ଅକ୍ଟୋବର ସକାଳେ ହୃଦଘାତରେ ନାନା ପାଟେକରଙ୍କର ଦେହାନ୍ତ ହୋଇଥିବା ଜଣାପଡିଥିଲା । ଗୋଆସ୍ଥିତ ନିଜ ଘରେହିଁ ଆଖି ବୁଜିଥିଲେ ସମସ୍ତଙ୍କର ଅତିପ୍ରିୟ ବିଶ୍ୱନାଥ ନାନା ପାଟେକର ବା ନାନା ପାଟେକର । ନାନାଙ୍କର ଅଗଣିତ ଫ୍ୟାନଙ୍କ ଆଖିରେ ଲୁହ ଦେଇଥିଲା ଏହି ଖବରଟି । ତାଙ୍କର ଭର୍ସାଟାଇଲ ଆକ୍ଟିଂ, ଦମଦାର ଡାଇଲଗ ସବୁବେଳେ ତାଙ୍କୁ ସିନେପ୍ରେମୀଙ୍କ ହୃଦୟରେ ଜୀବନ୍ତ କରି ରଖିବ । ଏଭଳି ଅନେକ ଚରିତ୍ର ରହିଛି ଯାହା ନାନାଙ୍କୁ ସବୁବେଳେ ବଲିଉଡରେ ଚିର ଅମର କରି ରଖିବ । ୧, ଜାନୁୟାରୀ ୧୯୫୧ରେ ମହାରାଷ୍ଟ୍ର ମୁରାଦରେ ଜନ୍ମିତ ନାନା ଅଭିନୟରେ ଥିଲେ ଖୁବ ନିପୁଣ । ନାନା ପାଟେକର ନିଜ କ୍ୟାରିୟରରେ ବିଭିନ୍ନ ପ୍ରକାର ଚରିତ୍ରରେ ଅଭିନୟ କରିଛନ୍ତି । କେତେବେଳେ ହିରୋ ତ କେବେ ଖଳନାୟକ, ଆଉକେତେବେଳେ କମେଡିଆନ ହୋଇ ଦର୍ଶକଙ୍କୁ ହସାଇଛନ୍ତି । ହିନ୍ଦୀ ଛଡା ସେ ଅନେକ ମରାଠି ଫିଲ୍ମରେ ଭି ଅଭିନୟ କରିଛନ୍ତି । ତାଙ୍କର ପ୍ରଥମ ଫିଲ୍ମ 'ଗମନ' ତାଙ୍କୁ ଦେଇଥିଲା ଖୁବ ପରିଚୟ । ଏହାସହ ତାଙ୍କର 'ପ୍ରତିଘାତ', 'ମୋହରେ', 'ସଲାମ ବମ୍ବେ', କ୍ରାନ୍ତିବୀର ଫିଲ୍ମ ଖୁବ ଲୋକପ୍ରିୟ । ଖଳନାୟକ ଭୂମିକାରେ ସେ 'ପରିନ୍ଦା'ରେ ଅଭିନୟ କରି 'ଜାତୀୟ ଫିଲ୍ମ ପୁରସ୍କାର' ଲାଭ କରିଥିଲେ । ସେ ଖେଳ କୁଦରେ ମଧ୍ୟ ପାରଦର୍ଶିତା ଲାଭ କରିଥିଲେ । ରାଇଫଲ ଶୁଟିଙ୍ଗରେ ତାଙ୍କର ରୁଚି ରହିଛି । କେବଳ ଅଭିନୟ ନୁହେଁ ସଙ୍ଗୀତରେ ମଧ୍ୟ ତାଙ୍କର








ରୁଚି ରହିଥିଲା । ନାନା ପାଟେକାର ଫିଲ୍ମ 'ଜସବନ୍ତ' , 'ବାଜୁଦ'ଓ 'ଆଞ୍ଚ'ରେ ଗୀତ ମଧ୍ୟ ଗାଇଛନ୍ତି । ଏହାସହ ଫିଲ୍ମନିର୍ଦ୍ଦେଶନାରେ ମଧ୍ୟ ରୁଚି ରଖିଥିଲେ ନାନା ପାଟେକର। 'ପ୍ରହାର' ନାମକ ଫିଲ୍ମରେ ନିର୍ଦ୍ଦେଶନା ଦେଇଥିଲେ ନାନା। 'ପ୍ରହାର ' ଏକ ସାଧାରଣ ଧାରା ଚଳଚ୍ଚିତ୍ର ନ ହେଇ ଏକ ନୂଆ ଧାରାର ଚିତ୍ର ଭାବରେ ବହୁଳ ଆଦୃତ ହେଇଥିଲା। ନାନା ୧୦୦ରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି ।୧୯୮୯ର ଫିଲ୍ମ 'ପରିନ୍ଦା'ରେ ସେ 'ଆନ୍ନା' ଚରିତ୍ରରେ ଅଭିନୟ କରି ଶ୍ରେଷ୍ଠ ସହ-ଅଭିନେତା ଭାବେ ଜାତୀୟ ଫିଲ୍ମ ପୁରସ୍କାର ପାଇଥିଲେ । ୧୯୯୪ର 'କ୍ରାନ୍ତିବୀର' ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତାର ଜାତୀୟ ପୁରସ୍କାର ମିଳିଥିଲା । ୧୯୯୬ର 'ଅଗ୍ନିସାକ୍ଷୀ' ଫିଲ୍ମ ପାଇଁ ମଧ୍ୟ ତାଙ୍କୁ ଶ୍ରେଷ୍ଠ ସହ-ଅଭିନେତାର ଜାତୀୟ ପୁରସ୍କାର ମିଳିଥିଲା । ଏହିପରି ଭାବେ ସେ ନିଜ କ୍ୟାରିୟରରେ ୩ଟି ଜାତୀୟ ଫିଲ୍ମ ପୁରସ୍କାର ଜିତିଥିଲେ । ଭାରତୀୟ ସିନେମାରେ ତାଙ୍କର ଯୋଗଦାନ ପାଇଁ ୨୦୧୩ରେ ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହାସହ ତାଙ୍କୁ ପରିନ୍ଦାରେ ଶ୍ରେଷ୍ଠ ସହ-ଅଭିନେତା , ଅଙ୍ଗାରରେ ଶ୍ରେଷ୍ଠ ଖଳନାୟକ , କ୍ରାନ୍ତିବୀରରେ ଶ୍ରେଷ୍ଠ ଅଭିନେତା, ଅପହରଣ ପାଇଁ ଶ୍ରେଷ୍ଠ ଖଳନାୟକ ଭୂମିକା ପାଇଁ ୪ଥର ଫିଲ୍ମ ଫେୟାର ଆୱାର୍ଡ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ନାନା ଫିଲ୍ମ 'ପ୍ରହାର: ଦ ଫାଇନାଲ୍ ଆଟାକ୍'ରେ ଆର୍ମି ମେଜରଙ୍କ ଭୂମିକା ନିଭାଇବା ପାଇଁ ଭାରତୀୟ ସେନାର ମରାଠା ଲାଇଟ୍ ଇନ୍‌ଫାଣ୍ଟ୍ରି ସହ ସୈନ୍ୟ ପ୍ରଶିକ୍ଷଣ ନେଇଥିଲେ । ଏହି ସମୟରେ ସେ ପ୍ରାୟ ତିନି ବର୍ଷ ଧରି ଟ୍ରେନିଂ ନେଇଥିଲେ ।ଟ୍ରେନିଂ ପୂରା କରିବା ପରେ ନାନା ପାଟେକର ଟେରିଟୋରିଆଲ୍ ଆର୍ମି ସହ ଯୋଡ଼ିହୋଇଥିଲେ। ତେଣୁ ତାଙ୍କୁ ସମ୍ମାନଜନକ 'କ୍ୟାପ୍ଟେନ୍' ପଦବୀ ମିଳିଥିଲା । ପରବର୍ତ୍ତୀ ସମୟରେ ସେ 'ଲେଫ୍ଟନାଣ୍ଟ କର୍ନେଲ'ର ସମ୍ମାନଜନକ ପଦବୀ ପର୍ଯ୍ୟନ୍ତ ସେବା ଦେଇଥିଲେ ଏବଂ ୨୦୧୩ରେ ଅବସର ନେଇଥିଲେ ।

## ଉତ୍ତରାଖଣ୍ଡରେ ଚାହୁଁଥିଲେ ଘର

୨୦୨୨ରେ ବଲିଉଡ ଅଭିନେତା ନାନା ପାଟେକର ଡେରାଡୁନସ୍ଥିତ ମୁଖ୍ୟମନ୍ତ୍ରୀ କ୍ୟାମ୍ପ କାର୍ଯ୍ୟାଳୟରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀଙ୍କୁ ସାକ୍ଷାତ କରିଥିଲେ । ଏହି ଗସ୍ତ ପୂର୍ବରୁ ଚମୋଲି ଜିଲ୍ଲାର ଯୋଶୀମଠ ଓ ନୀତି ଘାଟି ଅଞ୍ଚଳରେ ଏକ ମରାଠୀ ଚଳଚ୍ଚିତ୍ରର ସୁଟିଂ ପାଇଁ ୯ ଦିନ ବିତାଇଥିଲେ । ଏହି ସମୟରେ ନାନା ପାଟେକର ସ୍ଥାନୀୟ ମନୋରମ ପରିବେଶ, ସାଧାରଣ ଜୀବନଶୈଳୀ, ଖାଦ୍ୟପେୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ । ପାହାଡ଼ି ଅଞ୍ଚଳର ଶାନ୍ତ ବାତାବରଣକୁ ନିଜ ହୃଦୟରେ ସାଉଁଟି ନେଇ ସେ ସ୍ଥାନୀୟ ଲୋକଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ଆଗରେ ଉତ୍ତରାଖଣ୍ଡରେ ଜମି କିଣି ନିଜର ଏକ ଘର ତିଆରି କରିବାର ବ୍ୟକ୍ତିଗତ ଇଚ୍ଛା ପ୍ରକାଶ କରିଥିଲେ ।

## ଦିନକୁ ଚାଲୁଥିଲେ ୧୬ କିମି

ମାତ୍ର ୧୩ ବର୍ଷ ବୟସରେ ନାନା ଦେଖିଥିଲେ ଗଭୀର ଆର୍ଥିକ ସଙ୍କଟ । ସେତେବେଳେ ପରିବାର ଚଳାଇବା ପାଇଁ ୧୯୬୩ ମସିହା ଆଡ଼କୁ ସେ ପ୍ରତିଦିନ ସକାଳେ ସ୍କୁଲ ଯିବା ସହ ସନ୍ଧ୍ୟାରେ ଫିଲ୍ମ ପୋଷ୍ଟର ପେଣ୍ଟିଂ କାମ ଆରମ୍ଭ କରିଥିଲେ । ପୋଷ୍ଟର ପେଣ୍ଟିଂ ସ୍ଥଳରୁ ଘରର ଦୂରତା ୮ କିଲୋମିଟର ଥିବାରୁ ସେ ଦୈନିକ ୧୬ କିଲୋମିଟର ବାଟ ପାଦରେ ଚାଲି ଚାଲି ଯାଉଥିଲେ







ଯାହା ବାବଦକୁ ତାଙ୍କୁ ମାସିକ ମାତ୍ର ୩୫ ଟଙ୍କା ପାରିଶ୍ରମିକ ମିଳୁଥିଲା । ଅର୍ଥାଭାବ ଏତେ ଚରମ ସୀମାରେ ପହଞ୍ଚିଥିଲା ଯେ କେବେ କେବେ ଦୁଇ ଓଳି ଆହାର ଯୋଗାଡ଼ କରିବା ମଧ୍ୟ କଷ୍ଟକର ହୋଇପଡୁଥିଲା । ଯେଉଁଥିପାଇଁ କେହି ଜଣେ ଆହାର ଦେବାର ଆଶା ରଖି ସେ ଆହାର ସମୟରେ ବନ୍ଧୁମାନଙ୍କ ଘରକୁ ଯାଉଥିଲେ । ଆଜି ତାଙ୍କର ଏହି ସଂଘର୍ଷମୟ ଜୀବନ କାହାଣୀ ଅନେକ କଳାକାରଙ୍କୁ ପ୍ରେରଣା ଯୋଗାଉଛି ।

## ନାଟକରୁ ପ୍ରେମ

ବଲିଉଡର ଅଭିନେତା ନାନା ପାଟେକରଙ୍କ ପରିବାରରେ ତାଙ୍କ ପତ୍ନୀ ନୀଳକାନ୍ତି ଓ ପୁତ୍ର ମଲ୍ହାର ଅଛନ୍ତି । ତେବେ ଦୁହେଁ ଅଧିକାଂଶ ସମୟ ଅଲଗା ରହିଥିଲେ ହେଁ କେବେ ବିବାହ ବିଚ୍ଛେଦ ନେଇନଥିଲେ । 'ଜାତ୍ ନ ପୂଛୋ ସାଧୁ କୀ' ନାଟକରେ ଏକାଠି ଅଭିନୟ କରିବା ସମୟରେ ନୀଳକାନ୍ତିଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତ ହୋଇଥିଲା, ଯାହା ପରେ ପ୍ରେମର ରୂପ ନେଇଥିଲା। ସେତେବେଳେ ନୀଳକାନ୍ତି ବ୍ୟାଙ୍କ ଅଫିସର ଭାବେ ମାସିକ ୨୫୦୦ ଟଙ୍କା ଦରମା ପାଉଥିବା ବେଳେ ନାନା ପ୍ରତି ନାଟକ ପାଇଁ ମାତ୍ର ୫୦ ଟଙ୍କା ରୋଜଗାର କରୁଥିଲେ । ନାନାଙ୍କୁ ଅଭିନୟ କ୍ଷେତ୍ରରେ କ୍ୟାରିୟର ଗଢ଼ିବା ପାଇଁ ନୀଳକାନ୍ତି ଆର୍ଥିକ ଭରସା ଯୋଗାଇ ନିଜେ ପରିବାର ଚଳାଇବା ଦାୟିତ୍ୱ ନେଇଥିଲେ, ଯାହା ଫଳରେ ନାନା ଏହି ପେଷାରେ ଆଗକୁ ବଢ଼ିବାକୁ ସାହସ ପାଇଥିଲେ ।

## ମୃତ୍ୟୁ ପାଇଁ ରଖିଥିଲେ କାଠ

ନାନା ପାଟେକରଙ୍କ ମୃତ୍ୟୁ ପରେ ତାଙ୍କୁ ନେଇ ଅନେକ ଘଟଣା ସାମନାକୁ ଆସୁଛି ଯାହା ତାଙ୍କର ସାଧାରଣ ଜୀବନଶୈଳୀଙ୍କୁ ଲୋକଙ୍କ ଆଗକୁ ଆଣୁଛି । ନାନା ପାଟେକର ମୃତ୍ୟୁ ପୂର୍ବରୁ ନିଜ ଅନ୍ତିମ ସଂସ୍କାର ପାଇଁ କାଠ ସାଇତି ରଖିଥିଲେ । ଏହା ପଛର କାରଣ ଥିଲା ବିରଳ । ସେ ଭାବୁଥିଲେ ଯଦି ତାଙ୍କର ଅନ୍ତିମ ସଂସ୍କାର ସମୟରେ କାଠ ଓଦା ରହିବ ତେବେ ଆସିଥିବା ଲୋକଙ୍କୁ ଧୂଆଁ ପାଇଁ କଷ୍ଟ ହେବ, ଏବଂ ସେମାନଙ୍କର ଆଖିରେ ପାଣି ଆସିବ ଓ ସେମାନେ କାନ୍ଦିବାକୁ ଲାଗିବେ। ନାନା ଚାହୁଁନଥିଲେ କି ଧୂଆଁ କାରଣରୁ ତାଙ୍କ ଅନ୍ତିମ ସଂସ୍କାରରେ କେହି ବି କାନ୍ଦନ୍ତୁ, ସେଥିପାଇଁ ସେ ଶୁଖିଲା କାଠ ରଖିଥିଲେ ।

### ପପୁଲାର ଡାଏଲଗ

୧. ''ଏକ୍ ମଚ୍ଛର୍ ସାଲା ଆଦ୍ମୀ କୋ ହିଜଡ଼ା ବନା ଦେତା ହୈ'' (ୟଶବନ୍ତ, ୧୯୯୭)
୨. ''ୟେ ମୁସଲମାନ୍ କା ଖୁନ୍, ୟେ ହିନ୍ଦୁ କା ଖୁନ୍... ବତା, ଇସମେ ମୁସଲମାନ୍ କା କୌନ୍ ସା, ହିନ୍ଦୁ କା କୌନ୍ ସା'' (କ୍ରାନ୍ତିବୀର, ୧୯୯୪)
୩. ''ଆ ଗୟେ ମେରୀ ମୌତ୍ କା ତମାଶା ଦେଖ୍ନେ!'' (କ୍ରାନ୍ତିବୀର, ୧୯୯୪)
୪ . ''ସୌ ମେ ସେ ଅସ୍ସୀ ବେଇମାନ୍, ଫିର୍ ଭି ମେରା ଦେଶ ମହାନ୍'' (କ୍ରାନ୍ତିବୀର, ୧୯୯୪)
୫ . ''କଣ୍ଟ୍ରୋଲ୍, ଉଦୟ, କଣ୍ଟ୍ରୋଲ୍'' (ୱେଲକମ୍, ୨୦୦୭)
୬ . ''ଭଗବାନ୍ କା ଦିୟା ହୁଆ ସବ୍ କୁଛ୍ ହୈ...'' (ୱେଲକମ୍, ୨୦୦୭)
୭ . ''ଧନ୍ଦେ ମେ କୋଇ କିସୀ କା ଭାଇ ନହିଁ...'' (ପରିନ୍ଦା, ୧୯୮୯)
୮ . ''ଅପନା ତୋ ଉସୂଲ୍ ହୈ, ପହଲେ ଲାତ୍, ଫିର୍ ବାତ୍...'' (ତିରଙ୍ଗା, ୧୯୯୩)
୯ . ''ହମ୍ ସବ୍ ସିଷ୍ଟମ୍ କା ହିସ୍ସା ହୈଁ'' (ଅବ୍ ତକ୍ ଛପନ୍, ୨୦୦୪)
୧୦ . '' ମୌତ ସେ ବଢକର କୋଇ ଦୋସ୍ତ ନେହିଁ ହେ '' (ଗୁଲାମ ଇ ମୁସ୍ତଫା, ୧୯୯୭)

## ଜେନ୍ ଜିଙ୍କ ଉଦୟ ଭାଇ

ପ୍ରତିଟି ପିଢି ନାନା ପାଟେକରଙ୍କୁ ଭିନ୍ନ ଭିନ୍ନ ଅନ୍ଦାଜରେ ମନେ ରଖିବ । କେବଳ ନବେ କିମ୍ବା ଅଶୀ ଦଶକ ନୁହେଁ ତାଙ୍କୁ ଏବେକାର ଜେନ ଜି ମଧ୍ୟ ଖୁବ ଭଲ ପାଉଥିଲେ । ଜେନ ଜିଙ୍କ ପାଇଁ ସେ ଥିଲେ ସେମାନଙ୍କର ଅତିପ୍ରିୟ ଉଦୟ ଭାଇ । ୱେଲକମ ଫିଲ୍ମର ନାନାଙ୍କର ଉଦୟ ଭାଇ ଚରିତ୍ରଟି ସୋସିଆଲ ମିଡିଆର ନାନା ପାଟେକରଙ୍କୁ ମିମ କିଙ୍ଗ ବନାଇଥିଲା । ସମସ୍ତେ ତାଙ୍କର ମିମ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଅନେକ ସମୟରେ ସେୟାର କରିଥାଆନ୍ତି । ଏହି ଫିଲ୍ମର ଅନେକ ଡାଇଲଗ ସବୁବେଳେ ମିମ ଭାବେ ସୋସିଆଲ ମିଡିଆରେ ବ୍ୟବହାର ହୋଇଥାଏ ।












# ପୂଜା ରିଲିଜ୍

**ଦଶହରା ପୁରପଲ୍ଲୀ ହୋଇଉଠେ ଉତ୍ସବ ମୁଖର। ଭଲିକି ଭଲି ଡ୍ରେସ ପିନ୍ଧିକୁ ପେଣ୍ଡାଲ ବୁଲା, ଏହାସହ ହଲରେ ଫିଲ୍ମ ଦେଖା, ଏହି ସମସ୍ତ ମଜାମସ୍ତିକୁ ଅପେକ୍ଷା କରିଥାଆନ୍ତି ଓଡ଼ିଶାବାସୀ। ସେଥିପାଇଁ ପ୍ରତିବର୍ଷ ପୂଜାରେ ରିଲିଜ ହୋଇଥାଏ ବଡ଼ ବଡ଼ ସିନେମା ।**

ପ୍ରତିବର୍ଷ ଦଶହରାର ଆକର୍ଷଣ ସାଜେ ମାଆଙ୍କର ବଡବଡ ମୃଣ୍ମୟୀମୂର୍ତ୍ତି ସହିତ ମେଢ। ବିଭିନ୍ନ ପୀଠରେ ମାଆଙ୍କର ରୀତିନୀତିରେ ଷୋଳପୂଜା ଚାଲୁଥିବାବେଳେ ସହରରେ ଦେଖିବାକୁ ମିଳେ ବିଭିନ୍ନ ପେଣ୍ଡାଲ। ଏହି ପେଣ୍ଡାଲ ଗୁଡିକ ଆଖପାଖରେ ଲାଗିଥାଏ ମେଳା, ଯାହାକୁ ବୁଲିବାକୁ ଲୋକଙ୍କର ଖୁବ ଭିଡ଼ ଦେଖିବାକୁ ମିଳିଥାଏ । ତେବେ ପୂଜାର ଆଉ ଏକ ଆକର୍ଷଣ ହୋଇଥାଏ ସିନେମା । ଦଶହରାକୁ ଆଖିରେ ରଖି ପ୍ରତିବର୍ଷ ବିଭିନ୍ନ ଭାଷାର ସିନେମା ଏହି ସମୟରେ ରିଲିଜ ହୋଇଥାଏ, ଯାହା ଦର୍ଶକଙ୍କୁ ଖୁବ ମନୋରଞ୍ଜନର ଖୋରାକ ଯୋଗାଇଥାଏ। ନିଜନିଜର ପ୍ରିୟ ଷ୍ଟାରଙ୍କର ସିନେମାକୁ ହଲରେ ଦେଖିବାକୁ ଦର୍ଶକମାନେ ହଲ ଆଗରେ ଲାଇନ ଲଗାନ୍ତି । ଦର୍ଶକଙ୍କ ମନୋରଞ୍ଜନ ସାଙ୍ଗକୁ ଫିଲ୍ମ ନିର୍ମାତାଙ୍କର ମଧ୍ୟ କିଛି ଭଲ ଆୟ ଦେଇଥାଏ ପୂଜା ବଜାର। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କିଛି ଭଲଭଲ ସିନେମା ପରଦାକୁ ଆସିବ, ଯାହାକୁ ଦେଖିବାକୁ ଏବେଠାରୁ ଦର୍ଶକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ମଧ୍ୟ ଏହି ସିନେମାକୁନେଇ ଆଲୋଚନା ଓ ପୋଷ୍ଟ ଭାଇରାଲ ହେଉଛି, ଯାହା ଟ୍ରେଣ୍ଡରେ ରହୁଛି ।



## ଡେଞ୍ଜର ଦେବଦାସ

ଦଶହରା ଆସିଲେ ସମସ୍ତେ ଚାହିଁଥାଆନ୍ତି ଏକ ଭଲ ଓଡିଆ ଫିଲ୍ମ ଦେଖିବାକୁ । ତେବେ ଓଲିଉଡ୍ ପ୍ରେମୀଙ୍କ ପାଇଁ ଏକ ଖୁସି ଖବର ରହିଛି, ଯାହା ତାଙ୍କର ଦୁର୍ଗାପୂଜାର ଖୁସିକୁ ଦ୍ୱିଗୁଣିତ କରିବ । ଆକ୍ସନ-ଡ୍ରାମା ଓଡ଼ିଆ ଚଳଚ୍ଚିତ୍ର 'ଡେଞ୍ଜର ଦେବଦାସ' ଆସନ୍ତା ୨୦୨୬ ମସିହା ଅକ୍ଟୋବର ୧୬ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି । ବାହାରର ଶକ୍ତିଶାଳୀ ଏବଂ ଅତ୍ୟାଚାରୀ ଶକ୍ତି ଦ୍ୱାରା ନିଜର ପରିଚୟ ଓ ଅଧିକାର ହରାଇଥିବା ଓଡ଼ିଶାର ଏକ ଗାଁର ସଂଘର୍ଷ ଏବଂ ନିଜ ମାଟିକୁ ବଞ୍ଚାଇବାର କାହାଣୀକୁ ନେଇ ସିନେମାର କଥାବସ୍ତୁ ଗତିଶୀଳ ହୋଇଛି। ଫିଲ୍ମରେ ଓଲିଉଡର ଲୋକପ୍ରିୟ ଅଭିନେତା ଅମ୍ଲାନ୍ ଦାସ, ଜ୍ୟୋତି ରଞ୍ଜନ ନାୟକ, ଅଭିନେତ୍ରୀ ଏଲିନା ସାମନ୍ତରାୟ ଏବଂ ହାସ୍ୟ ଅଭିନେତା ପପୁ ପମ୍ ପମ୍ ମୁଖ୍ୟ ଭୂମିକାରେ ନଜର ଆସୁଛନ୍ତି । ବାବୁ ଭାଇ ପ୍ରଡକ୍ସନ, ସାଇ ଲୁମ୍ବିନୀ ପ୍ରଡକ୍ସନ ଏବଂ ଏସକେ ପ୍ରାଇଭେଟ୍ ଲିମିଟେଡର ମିଳିତ ସହଯୋଗରେ ଏହି ଫିଲ୍ମଟି ପ୍ରସ୍ତୁତ ହୋଇଛି । ଯାହାର ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ଶୁଭ୍ରା ପଟ୍ଟନାୟକ । ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଯୁବ ନିର୍ଦ୍ଦେଶକ ଆଶ୍ୱିନ ତ୍ରିପାଠୀ। ସୋସିଆଲ ମିଡିଆରେ ଏହି ହାଇ-ଏନର୍ଜି ମାସ୍ ଆକ୍ସନ ଫିଲ୍ମକୁ ନେଇ ଅନେକ ଆଲୋଚନା ଜାରି ରହିଛି । ବାବୁ ଭାଇ ପ୍ରଡକ୍ସନର ଅଫିସିଆଲ ୟୁଟ୍ୟୁବ୍ ଚ୍ୟାନେଲରେ ମୁକ୍ତିଲାଭ କରିଥିବା ୧ ମିନିଟ୍ ୧୧ ସେକେଣ୍ଡର ଅଫିସିଆଲ ଗ୍ଲିମ୍ପସ ଭିଡିଓରେ ସିନେମାର ଦମଦାର ଆକ୍ସନ, ଭିଏଫଏକ୍ସ ଏବଂ କଷ୍ଟ୍ୟୁମ୍ ଡିଜାଇନିଂ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଛି । ଭିଡିଓଟି ରିଲିଜ ହେବାର କିଛି ଦିନ ମଧ୍ୟରେ ଲକ୍ଷାଧିକ ଭ୍ୟୁ ପାଇ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ପୁରା ଟିମ ଫିଲ୍ମକୁ ନେଇ ଖୁବ ଜୋରଦାର କାମ କରିଛନ୍ତି, ଏବଂ ଦର୍ଶକଙ୍କୁ ଏହା ଖୁବ ପସନ୍ଦ ଆସିବବୋଲି ଆଶା ମଧ୍ୟ ରଖିଛନ୍ତି । ସିନେମାପ୍ରେମୀଙ୍କ ମଧ୍ୟରେ ୨ ଘଣ୍ଟା ୨ ମିନିଟ୍ ଅବଧି ବିଶିଷ୍ଟ ଏହି ବିଗ୍-ବଜେଟ୍ ଚଳଚ୍ଚିତ୍ରକୁ ନେଇ ପ୍ରବଳ ଉତ୍ସାହ ରହିଛି । ଏହାର ପାନ୍-ଇଣ୍ଡିଆ ରିଲିଜ୍ ଓଲିଉଡ ସିନେମା ଜଗତ ପାଇଁ ଏକ ନୂଆ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି । ସେହିଭଳି ଏହାର ରିଲିଜ ହୋଇଥିବା ଗୀତ ଗୋଲାପ କଢି ଲୋକଙ୍କ ଭିତରେ






ଖୁବ ଆଦୃତ ହାସଲ କରିଥିବା ଦେଖିବାକୁ ମିଳିଛି । ଏଲିନା ଓ ଅମ୍ଲାନଙ୍କର ଯୋଡିକୁ ଦର୍ଶକ ଫିଲ୍ମ ଦେଖିବା ଆଗରୁ ହିଁ ଖୁବ ଭଲ ପାଇବା ଦେଉଥିବା ଦେଖିବାକୁ ମିଳୁଛି । ତେଣୁ ଫିଲ୍ମଟି ପୂଜା ମାର୍କେଟ ପାଇଁ ଖୁବ ଭଲ ହେବ ବୋଲି ଟିମ ଆଶା ରଖିଛି ।

## ମଧୁମାଳତୀ

ଓଡ଼ିଆ ସିନେପ୍ରେମୀଙ୍କ ଦୁର୍ଗା ପୂଜାକୁ ଆକର୍ଷଣୀୟ କରିବାକୁ ରିଲିଜ ହେଉଛି ଫିଲ୍ମ ମଧୁମାଳତୀ । ଫିଲ୍ମର ବଡ଼ ଆକର୍ଷଣ ହେଉଛି ବଲିଉଡର ଚର୍ଚ୍ଚିତ ଓ ବରିଷ୍ଠ ଅଭିନେତା ସଞ୍ଜୟ ମିଶ୍ରଙ୍କ ଓଲିଉଡ୍ ଡେବ୍ୟୁ । ନିକଟରେ ରିଲିଜ୍ ହୋଇଥିବା ଫିଲ୍ମର ଅଫିସିଆଲ୍ ଗ୍ଲିମ୍ପସ୍ ଦର୍ଶକଙ୍କ ମନ ଜିଣିଥିବା ବେଳେ ଏହାକୁ ନେଇ ଚର୍ଚ୍ଚା ଆହୁରି ଜୋର ଧରିଛି । ୧୯୮୦ ଦଶକର ପ୍ରେମ, ମଧୁର ସ୍ମୃତି, ସମ୍ପର୍କ ଓ ସମୟ ସ୍ରୋତରେ ବର୍ଷ ବର୍ଷ ପରେ ଦୁଇ ପ୍ରେମୀଙ୍କ ହୃଦୟସ୍ପର୍ଶୀ ମିଳନର କାହାଣୀକୁ ନେଇ ଏହା ଗତିଶୀଳ। ସିନେମାଟି ଦଶହରା ଅବସରରେ ବଡ଼ ପରଦାରେ ମୁକ୍ତିଲାଭ କରିବ । ହିନ୍ଦୀ ସିନେମାରେ ନିଜର ବହୁମୁଖୀ ଅଭିନୟ ଶୈଳୀ ପାଇଁ ପରିଚିତ ସଞ୍ଜୟ ମିଶ୍ର ପ୍ରଥମ ଥର ପାଇଁ ଓଡ଼ିଆ ଭାଷାରେ ଅଭିନୟ କରୁଥିବା ବେଳେ ଓଡ଼ିଆ ଭାଷା ଶିଖିବା ଓ କହିବା ତାଙ୍କ ପାଇଁ ରୋମାଞ୍ଚକର ଆହ୍ୱାନ ଥିଲା । ଅଗଷ୍ଟ ୨୦୨୬ରେ ସେ ଭୁବନେଶ୍ୱର ଆସି ସୁଟିଂ ଆରମ୍ଭ କରିଥିଲେ । ଫିଲ୍ମରେ ମୁଖ୍ୟ ନାୟିକା 'ମାଳତୀ' ଚରିତ୍ରରେ ଭୂମିକା ଦାଶ  ନଜର ଆସୁଛନ୍ତି । ଯାହାଙ୍କର 'ଫାଷ୍ଟ ଲୁକ୍' ରିଲିଜ୍ ପରଠାରୁ ଦର୍ଶକଙ୍କ ଆଗ୍ରହ ଅନେକଗୁଣ ବଢ଼ିଯାଇଛି । ଫିଲ୍ମର ସୁଟିଂ ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବାବାସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ୍ ସମେତ ଓଡ଼ିଶାର ଅନେକ ମନୋରମ ସ୍ଥାନରେ କରାଯାଇଛି । ଯାହା ୮୦ ଦଶକର ଓଡ଼ିଶାର ଏକ ସୁନ୍ଦର, ନଷ୍ଟାଲଜିକ୍ ପରିବେଶକୁ ପରଦାରେ ଜୀବନ୍ତ କରିବ । କାହାଣୀରେ ପ୍ରଥମ ପ୍ରେମରୁ ଆରମ୍ଭ କରି ୬୦ ବର୍ଷ ବୟସରେ ଦୁଇ ସାଥୀଙ୍କ ମଧ୍ୟରେ ହେଉଥିବା ଭାବପୂର୍ଣ୍ଣ ପୁନର୍ମିଳନର ଭାବପ୍ରବଣ ଯାତ୍ରାକୁ ଦେଖାଯାଇଛି । ଫିଲ୍ମରେ ସଞ୍ଜୟ ମିଶ୍ର ଓ ଭୂମିକା ଦାଶଙ୍କ ବ୍ୟତୀତ ମହାଶ୍ୱେତା ରାୟ , ଆକାଶ ହୋତା, ସନୋଜ କୁମାର, ପ୍ରଜ୍ଞା ମିଶ୍ର, ସୁଶାନ୍ତ ଓ କୃଷ୍ଣ କର ପ୍ରମୁଖ ଭୂମିକାରେ ଅଛନ୍ତି । 'ଅରୋଶ୍ରୀ ଫିଲ୍ମସ' ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଯୋଜନା ଦାୟିତ୍ୱ ଅଶୋକ କୁମାର ପାଢ଼ୀ ଓ ବ୍ରଜକିଶୋର ମିଶ୍ର ନେଇଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ । ଫିଲ୍ମର କାହାଣୀ, ସ୍କ୍ରିନପ୍ଲେ ଓ ସଂଳାପ ପ୍ରିୟବ୍ରତ ପଣ୍ଡା ଲେଖିଛନ୍ତି ଏବଂ ସଙ୍ଗୀତ ନିର୍ଦ୍ଦେଶନା ବୈଦ୍ୟନାଥ ଦାସ ଦେଇଛନ୍ତି । ଯେଉଁଥିରେ ତୃପ୍ତି ଦାସ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସତ୍ୟଜିତ୍ ଜେନା, ସଞ୍ଜୁ ମହାନ୍ତି ଓ ଚିରାଗଦୀପ ପଣ୍ଡାଙ୍କ ପରି ଲୋକପ୍ରିୟ କଣ୍ଠଶିଳ୍ପୀମାନେ ଗୀତ ଗାଇଛନ୍ତି । 'ମଧୁମାଳତୀ' ସିନେମାଟି କେବଳ ଏକ ସାଧାରଣ ପ୍ରେମ କାହାଣୀ ନୁହେଁ, ବରଂ ଦର୍ଶକଙ୍କୁ ସେମାନଙ୍କର ପୁରୁଣା ଦିନକୁ ଫେରାଇ ନେବ ବୋଲି ମେକର୍ସ ଆଶା ରଖିଛନ୍ତି ।

## ଆଗ୍ନେ ୱେଡ୍ସ ମିନାଲ

ଓଡ଼ିଆ ସିନେପ୍ରେମୀଙ୍କ ବହୁପ୍ରତୀକ୍ଷିତ ଆଶା ଓ ଉତ୍କଣ୍ଠାର ଅନ୍ତ ଘଟାଇ ଦଶହରାର ପାର୍ବଣ ଋତୁରେ ବଡ଼ ପରଦାକୁ ଆସିବାକୁ ଯାଉଛି ଭାବପୂର୍ଣ୍ଣ ଓଡ଼ିଆ ରୋମାଣ୍ଟିକ୍-ଡ୍ରାମା ଚଳଚ୍ଚିତ୍ର 'ଏଡବ୍ଲୁଏମ : ଆଗ୍ନେ ୱେଡ୍ସ ମିନାଲ '। ବାସ୍ତବ ଜୀବନର ସତ୍ୟ କାହାଣୀ ଏବଂ ଦମ୍ପତିଙ୍କ ଅନୁଭୂତିରୁ ପ୍ରେରଣା ନେଇ ନିର୍ମିତ ଏହି ସିନେମାଟି ପ୍ରେମ, ସମ୍ପର୍କ, ସାହସ ଓ ଜୀବନ ବଦଳାଇ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ଆଧାରିତ । ଏକ ଆବେଗପୂର୍ଣ୍ଣ ଯାତ୍ରାକୁ ଚିତ୍ରଣ କରିବା ସହ ଦିବ୍ୟାଙ୍ଗତା ପ୍ରତି ସମାଜର ଦୃଷ୍ଟିକୋଣରେ ସମ୍ବେଦନଶୀଳତା ଓ ସହାନୁଭୂତି ଆଣିବାକୁ ଏକ ନୂଆ ପ୍ରୟାସ କରିଛି ଏହି ସିନେମାଟି । ଫିଲ୍ମର ମୁଖ୍ୟ ଭୂମିକାରେ 'ଆଗ୍ନେୟ' ଚରିତ୍ରରେ ମନୋଜ ମିଶ୍ର ଏବଂ 'ମିନାଲ' ଚରିତ୍ରରେ ଆର୍ଲିନ୍ ଅଙ୍କିତା ନଜର ଆସିବେ । ଏହାସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଉଷସୀ ମିଶ୍ର, ଶକ୍ତି ବାରିକ୍, ସଞ୍ଜୟ ମହାପାତ୍ର , ଆକାଶ ଓ ପି. ସୀମାଙ୍କ ପରି କଳାକାରମାନେ ଅଭିନୟ କରିଛନ୍ତି । ଏହି ସିନେମାର ନିର୍ଦ୍ଦେଶନା ଭାର ରିଷଭ ଅଗ୍ରୱାଲ ନେଇଛନ୍ତି । କାହାଣୀ ଓ ରଚନା ଦାୟିତ୍ୱ ନାରାୟଣ ରାଉତ, ମନୋଜ ମିଶ୍ର ଏବଂ ରିଷଭ ଅଗ୍ରୱାଲ ମିଳିତ ଭାବେ ତୁଲାଇଛନ୍ତି । ଫିଲ୍ମଟିକୁ ମନୋଜ ମିଶ୍ର, ମମତା ନନ୍ଦ, ଜଗନ୍ ମହାନ୍ତ, ଫୋରମ୍ ରିଷଭ ଅଗ୍ରୱାଲ ଓ ପ୍ରଶାନ୍ତ ବେହେରା ଯୁଗ୍ମ ଭାବେ ପ୍ରଯୋଜନା କରିଛନ୍ତି । ସଙ୍ଗୀତ କ୍ଷେତ୍ରରେ ମଧ୍ୟ ଏହା ବେଶ୍ ଆକର୍ଷଣୀୟ ହୋଇଛି । ବଲିଉଡର ପ୍ରସିଦ୍ଧ ପ୍ଲେବ୍ୟାକ୍ ଗାୟକ ଶାନ୍ ଏଥିରେ କଣ୍ଠଦାନ କରିଛନ୍ତି । ସେହିଭଳି ଶୁଦ୍ଧ ଓଡ଼ିଆ ଓ ପଶ୍ଚିମ ଓଡ଼ିଶାର ସଂସ୍କୃତିକୁ ଉଜ୍ଜୀବିତ କରୁଥିବା ଏକ ଉତ୍ସବମୁଖର ସମ୍ବଲପୁରୀ ଗୀତ ''ଆ ଏବା ହୋ'' ଅମର ଦାସଙ୍କ କଣ୍ଠରେ ବେଶ୍ ଆଦୃତ ହୋଇଛି । ୟୁଟ୍ୟୁବ୍‌ରେ ଫିଲ୍ମର ଅଫିସିଆଲ୍  ଟିଜର୍ ରିଲିଜ୍ ହେବା ପରେ ବହୁସଂଖ୍ୟକ ଭିୟୁଜ୍ ପାଇ ଅନେକ ମାଇଲଖୁଣ୍ଟ ଅତିକ୍ରମ କରିଛି । ପ୍ରଯୋଜନା ସଂସ୍ଥା ଦୁର୍ଗାପୂଜାରୁ ଓଡ଼ିଶାର ପ୍ରମୁଖ ସହରଗୁଡ଼ିକର ସିନେମା ହଲ୍‌ରେ ଏହାର ରିଲିଜ ପାଇଁ ଯୋଜନା ରହିଛି ।




## ବିଗୁଲ୍ ୨

ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର୍ ଅନୁଭବ ମହାନ୍ତିଙ୍କ ବହୁପ୍ରତୀକ୍ଷିତ ଆକ୍ସନ୍-ସସପେନ୍ସ ଆକ୍ସନ୍ ଡ୍ରାମା 'ବିଗୁଲ୍ ୨' ଆଗାମୀ ଦୁର୍ଗାପୂଜା ୨୦୨୬ ପାର୍ବଣ ଋତୁରେ ପ୍ରେକ୍ଷାଳୟକୁ ଆସିବା ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି । ଏହାକୁ ନେଇ ଓଡ଼ିଆ ସିନେପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି । ଏହି ସିନେମାଟି ୨୦୨୪ ମସିହା ମାର୍ଚ୍ଚ ୨୯ ତାରିଖରେ ମୁକ୍ତିଲାଭ କରିଥିବା ପ୍ରଥମ ଭାଗ 'ବିଗୁଲ୍' ର ସିକୁଏଲ ହୋଇଥିବା ବେଳେ ଏଥିରେ ପ୍ରଥମ ଭାଗର ଆକ୍ସନ୍, ଗମ୍ଭୀରତା ଓ ଜୀବନ୍ତ କାହାଣୀ ଶୈଳୀକୁ ଆହୁରି ଆଗକୁ ନିଆଯାଇଛିବୋଲି ଚର୍ଚ୍ଚା ହେଉଛି । ପୂର୍ବରୁ ରିଲିଜ ହୋଇଥିବା ସଫଳ ଚଳଚ୍ଚିତ୍ର 'ବିଗୁଲ୍'ର ରହସ୍ୟମୟ କାହାଣୀ ଦର୍ଶକଙ୍କ ମନ ଜିଣିପାରିଥିଲା । ପ୍ରଥମ ଭାଗର ନିର୍ଦ୍ଦେଶନା ଓ କାହାଣୀ ଭାର ଅଜୟ ପାଢ଼ୀ ତୁଲାଇଥିବା ବେଳେ ଏହାର ପ୍ରଯୋଜନା ଦେବାନନ୍ଦ ବେହେରା କରିଥିଲେ ଏବଂ ଅନୁଭବ ମହାନ୍ତି, ସୁପ୍ରିୟା ନାୟକ  ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ । ବର୍ତ୍ତମାନ ଆସିବାକୁ ଥିବା ନୂଆ ସିନେମା 'ବିଗୁଲ୍ ୨'ରେ ମଧ୍ୟ ସୁପରଷ୍ଟାର୍ ଅନୁଭବ ମହାନ୍ତିଙ୍କ ସହ ମୁଖ୍ୟ ନାୟିକା ସୁପ୍ରିୟା ନାୟକ ଏବଂ ନିର୍ଦ୍ଦେଶକ ଅଜୟ ପାଢ଼ୀଙ୍କ ସମେତ ମୂଳ ଟିମ୍‌ର ଅନେକ ସଦସ୍ୟ ପୁଣି ଥରେ ଏକାଠି ହେଉଛନ୍ତି । ଏହି ନୂଆ ଭାଗରେ ସସପେନ୍ସ, ଦମ୍‌ଦାର୍ ଆକ୍ସନ୍ ଦର୍ଶକଙ୍କୁ ବାନ୍ଧି ରଖିବ ବୋଲି ଆଶା କରାଯାଉଛି । ଦୁର୍ଗାପୂଜା ୨୦୨୬ରେ ଏହି ଫିଲ୍ମର ରିଲିଜ୍ ଓଲିଉଡ୍ ବକ୍ସ ଅଫିସରେ ଏକ ବଡ଼ ଆକର୍ଷଣ ସାଜିବ । ଅନୁଭବଙ୍କ ଫ୍ୟାନଙ୍କ ଭିତରେ ଫିଲ୍ମକୁ ନେଇ ଖୁବ ଉତ୍ସାହ ଦେଖିବାକୁ ମିଳୁଛି ।



**ମୃଣାଳ**
ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୭୧୯୪

## ଜଉ କଣ୍ଢେଇ ଶୈଳୀରେ ଦୁର୍ଗାପ୍ରତିମା

ବାଲେଶ୍ୱର ନିବାସୀ ମୋର ବନ୍ଧୁ ଶିଳ୍ପୀ କେଶୁ ଦାସ ବହୁ ବର୍ଷ ହେଲା ଜଉକଣ୍ଢେଇ ନିର୍ମାଣ କଳାକୁ ପ୍ରୋତ୍ସାହନ ଦେଇ ଆସୁଛନ୍ତି। ଏ ବର୍ଷ ଜଉକଣ୍ଢେଇ ନିର୍ମାଣ କଳାକୁ ଏକ ବୃହତ୍ତର ମଞ୍ଚରେ ପ୍ରଦର୍ଶିତ କରିବାକୁ ଯାଉଛନ୍ତି ସେ। କଲିକତାର ବେହାଲାରେ ଥିବା ବଡ଼ିଶା ଶକ୍ତି ସଂଘ ତା'ର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ବାଲେଶ୍ୱର, ଓଡ଼ିଶାର ଜଉକଣ୍ଢେଇ କଳା ସଂସ୍କୃତିର ପ୍ରଦର୍ଶନ କରାଯିବ ବୋଲି ଶକ୍ତି ସଂଘ ପକ୍ଷରୁ ଜୋରସୋର ପ୍ରସ୍ତୁତି ଚାଲିଛି। ଜଉକଣ୍ଢେଇ ଶୈଳୀରେ ମୂର୍ତ୍ତି ତିଆରି ହେବା ସହ ବାଲେଶ୍ୱରର ଶ୍ୟାମସୁନ୍ଦର ମନ୍ଦିର ଢାଞ୍ଚାରେ ମଣ୍ଡପ ତଥା ଜଉକଣ୍ଢେଇ



ବାହାଘର ଓ ଶୋଭାଯାତ୍ରା ଅୟୋଜନ କରାଯିବ। ଶିଳ୍ପୀ କେଶୁ ଦାସ ଜଉକଣ୍ଢେଇ ବାହାଘର, ଶୋଭାଯାତ୍ରା, କର୍ମଶାଳା ଓ ପ୍ରଦର୍ଶନୀର ଦାୟିତ୍ୱ ତୁଲାଇବା ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। ଶୋଭାଯାତ୍ରାରେ ବାଲେଶ୍ୱରର ପିତୁଳା ନାଚ, ନୀଳଗିରିର ଆଦିବାସୀ ନୃତ୍ୟ, ଗଞ୍ଜାମର ଯୋଡ଼ି ଶଙ୍ଖ ଓ ରଣପା ସହ ସ୍ଥାନୀୟ ଲୋକନୃତ୍ୟ ଓ ବାଦ୍ୟ ସାମିଲ କରାଯିବ। ମୁଖ୍ୟ ଡିଜାଇନର ତଥା କନସେପ୍ଟ କ୍ରିୟେଟର ହେଲେ ସରକାରୀ ଆର୍ଟ କଲେଜର ପ୍ରାଧ୍ୟାପକ ଅଖିଳ ଚନ୍ଦ୍ର ଦାସ।

## ମାନବିକତା

ଗଣମାଧ୍ୟମରେ ନକାରାତ୍ମକ ଖବରର ଭିଡରେ ଅଣନିଶ୍ୱାସୀ ମଣିଷ ଭାବେ ଏ ଦୁନିଆରେ ଭଲ କିଛି କଉଠି ନାହିଁ। ସତଟା କିନ୍ତୁ ଏମିତି ନୁହେଁ। ମାନବିକତା ଏବେବି ବଞ୍ଚିଛି। ନହେଲେ ଚାରିଜଣ ମତ୍ସ୍ୟଜୀବୀ ନିଜ ଜୀବନକୁ ବାଜି ଲଗେଇ ଭରା ନଈରେ ବୁଡି ଯାଉଥିବା ଚାରିଦିନର ଶିଶୁ ହାତୀଛୁଆଟିକୁ ଉଦ୍ଧାର କରି ନ ଥାନ୍ତେ। ଏମିତି ଏକ ହୃଦୟସ୍ପର୍ଶୀ ଓ ରୋମାଞ୍ଚକର ଘଟଣା ଘଟିଛି ପଶ୍ଚିମବଙ୍ଗର ଜଲପାଇଗୁଡ଼ି ଜିଲ୍ଲାରେ। ସେଠାରେ ତିସ୍ତା ନଦୀରେ ଭାସିଯାଉଥିବା ହାତୀ ଛୁଆକୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଗତ ଶୁକ୍ରବାର ସକାଳେ ଜଲପାଇଗୁଡ଼ି ଜିଲ୍ଲା ବୈକୁଣ୍ଠପୁର ବନଖଣ୍ଡ ଅନ୍ତର୍ଗତ ଗଜଲଡୋବା ବ୍ୟାରେଜ୍ ନିକଟରେ ଏକ ହାତୀ ପଲ ନଦୀ ପାର୍ ହେବାକୁ ଚେଷ୍ଟା କରୁଥିଲେ। ମାତ୍ର ନଦୀର ପ୍ରଖର ସ୍ରୋତ ଯୋଗୁ ଏହି ନବଜାତ ହାତୀ ଛୁଆଟି ନିଜ ମା'ଠାରୁ ଅଲଗା ହୋଇଯାଇଥିଲା ଏବଂ ପାଣିର ପ୍ରଖର ସ୍ରୋତରେ ପ୍ରାୟ ୪ କିଲୋମିଟର ପର୍ଯ୍ୟନ୍ତ ଭାସି ଯାଇଥିଲା। ପାଣିରେ ବୁଡ଼ି ଆପ୍ରାଣ ସଂଗ୍ରାମ କରୁଥିବା ଏହି ଅସହାୟ ଜୀବ ଉପରେ ସ୍ଥାନୀୟ ପାଞ୍ଚ ଜଣ ମତ୍ସ୍ୟଜୀବୀ-ଅଜୟ ଦାସ, ରାଜେଶ ଦାସ, ଗୋପାଳ ଦାସ, ମିଟୁ ଦାସ ଏବଂ ବିଶ୍ୱନାଥ ଦାସଙ୍କ ନଜର ପଡ଼ିଥିଲା। ତୁରନ୍ତ ଏକ ଛୋଟ ଡଙ୍ଗା ସାହାଯ୍ୟରେ ନଦୀ ମଝିକୁ ଯାଇଥିଲେ। ନଦୀର ଭୟଙ୍କର ସ୍ରୋତ ସତ୍ତ୍ୱେ ସେମାନେ ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ଛୁଆଟିକୁ ପିଛା କରି ଶେଷରେ ତାକୁ ଡଙ୍ଗା ଉପରକୁ ଟେକି ଆଣିବାରେ ସଫଳ ହୋଇଥିଲେ। ଡଙ୍ଗା ଉପରକୁ ଆସିବା ପରେ ଭୟଭୀତ ହାତୀ ଛୁଆଟି ଜଣେ ମତ୍ସ୍ୟଜୀବୀଙ୍କୁ କୁଣ୍ଢାଇ ଧରିଥିବାର ଏକ ଭାବପୂର୍ଣ୍ଣ ଦୃଶ୍ୟ





ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେବାରେ ଲାଗିଛି। ଉଦ୍ଧାର ପରେ ମତ୍ସ୍ୟଜୀବୀମାନେ ବନ ବିଭାଗକୁ ଖବର ଦେଇଥିଲେ। ବନ ଅଧିକାରୀ ଏବଂ ପଶୁ ଚିକିତ୍ସକ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଛୁଆଟିର ପ୍ରାଥମିକ ଚିକିତ୍ସା କରିଥିଲେ। ଏହାପରେ ବନ କର୍ମଚାରୀମାନେ ନଦୀ ପଠାରେ ହାତୀ ପଲକୁ ଖୋଜି ବହୁ ପରିଶ୍ରମ ପରେ ଛୁଆଟିକୁ ତାର ମା' ସହିତ ମିଶାଇ ଦେଇଥିଲେ। ନିଜ ଛୁଆକୁ ପାଇବା ମାତ୍ରେ ମା' ହାତୀଟି ତୁରନ୍ତ ତାକୁ ଆପଣେଇ ନେଇ କ୍ଷୀର ପିଆଇବା ଆରମ୍ଭ କରିଥିଲା। ମତ୍ସ୍ୟଜୀବୀଙ୍କ ଏହି ଅସୀମ ସାହସ ଓ ବନ ବିଭାଗର ତତ୍ପରତା ଯୋଗୁ ଏକ ନିଷ୍ପାପ ଜୀବନ ରକ୍ଷା ପାଇପାରିଛି, ଯାହା ମାନବ ଓ ବନ୍ୟଜନ୍ତୁ ସହବସ୍ଥାନର ଏକ ଶ୍ରେଷ୍ଠ ଉଦାହରଣ।

**ରେଖାଚିତ୍ର: ଶୁଭମ**

## କାଶତଣ୍ଡୀ

ଆମ ଘର ବାହାରେ, ବିଲରେ କାଶତଣ୍ଡୀ ଫୁଟିଛି। ସୁନ୍ଦର ଦିଶୁଛି। ମୁଁ ଆଉ ମୋ ସ୍ତ୍ରୀ ଆମ ଛାତରେ ଠିଆ ହୋଇ କାଶତଣ୍ଡୀର ସୌନ୍ଦର୍ଯ୍ୟ ଦେଖୁ, ବିଭୋର ହେଉ। ବେଳେବେଳେ ଫଟୋ ଉଠାଉ। ପବନ ଦେଲେ କାଶତଣ୍ଡୀର କେଶର ଆମ ଘର ଭିତରକୁ ଉଡିଆସେ। ମୋ ସ୍ତ୍ରୀ ସେଥିକୁ ବିରକ୍ତ ହୁଅନ୍ତି - ଚାରିଆଡେ ଅଳିଆ ହେଉଛି, କେତେ ଝାଡୁ ଦେବ ମଣିଷ ! କାଶତଣ୍ଡୀ ହସେ। କହେ, ହାୟରେ ମଣିଷ ! ତୋ ଭିତରେ କେତେ ପରତ ! ଦୂରରୁ ଦେଖି ଯାହାକୁ ତୁ ଭଲ ପାଉ, ସେ ପାଖକୁ ଆସିଲେ ତୋତେ ଅଳିଆ ଲାଗେ !



## ସିଂହ-ମହିଷାସୁର ସମ୍ବାଦ

ଲଗାଣ ବର୍ଷାରେ ଏକାଠି ବସି କଥା ହେଉଥିଲେ ମହିଷାସୁର ଆଉ ମା' ଦୁର୍ଗାଙ୍କ ବାହନ ସିଂହ। ମହିଷାସୁର ମନଦୁଃଖରେ କହିଲା, ଆଉ ଅଳ୍ପ କିଛି ଦିନ ରହିଲା- ମା' ଦୁର୍ଗାଙ୍କ ସହିତ ଯୁଦ୍ଧ ହେବ। ପ୍ରାକ୍ଟିସ ଟିକେ ଦରକାର। ଏମିତି ଲଗାଣ ବର୍ଷାରେ ପ୍ରାକ୍ଟିସ କେମିତି କରିବି ? ସିଂହ ହସି କହିଲା, ଦେଖ ମହିଷା ଯେତେ ପ୍ରାକ୍ଟିସ କର - ଯୁଦ୍ଧରେ ତୁ ହାରିବୁ। ସବୁ ବର୍ଷ ହାରୁଛୁ, ଏବର୍ଷ ବି ହାରିବୁ। ମିଛରେ କାହିଁକି ପ୍ରାକ୍ଟିସ ... ପ୍ରାକ୍ଟିସ ହଉଛୁ। ଜମାଣ ପାଗଟା ହେଇଛି। ଶାଗୁଆତି ଟିକେ ହଉ। ଖାଇପିଇ ଚାଲ ଶୋଇବା। ଟ୍ରମ୍ପ ଭଳିଆ ତୁଛାରେ ଯୁଦ୍ଧ ଯୁଦ୍ଧ କାହିଁକି ହଉଛୁ !

## ଠାକୁର ବିସର୍ଜନ

ଠାକୁର ବିସର୍ଜନ ବେଳେ ଯେଉଁ ନାଚଗୀତ ହୁଏ, କର୍ଣ୍ଣଭେଦି ଶବ୍ଦରେ ଗୀତ ବାଜେ- ତାହା କାହାକୁ ଭଲ ଲାଗେ ? ଠାକୁରଙ୍କୁ ଏମିତି ନାଚ ଗୀତ ଭଲ ଲାଗେ ? ଆଜିକାଲି ପୁଣି ଗୋଟେ ଧାରା ହୋଇଛି- ଗୋଟେ ଟ୍ରକ ଭଳି ଗାଡ଼ିରେ ଛ ଆଠ ବଡ଼ ବଡ଼ ସ୍ପିକର ଲଗା ହେଇଥିବ, ସେଥିରେ ଏତେ ଜୋରରେ ଗୀତ ବାଜିବ ଯେ- ମଣିଷର କର୍ଣ୍ଣ ପର୍ଦା ଫାଟିଯିବ, ହାର୍ଟ ଆଟାକ ହୋଇଯିବ; ସେଇ ଗାଡି ସାମ୍ନାରେ ପୁଣି ଝିକମିକ ଲାଇଟ ଥିବ- ପଞ୍ଚାଏ ଟୋକା ଆଉ ନିଜକୁ ଟୋକା ବୋଲି ଭାବୁଥିବା ଲୋକ ଅଣ୍ଟା ପିଠି ପିଟା ହଲେଇ ଡେଉଁଥିବେ - ସେମାନଙ୍କ ଭିତରୁ ଅଧିକାଂଶ ହୋସ୍‌ରେ ନ ଥିବ - ଏଟା କୁଆଡେ ନାଚ ! ଆଚ୍ଛା ଏସବୁ ଭଗବାନଙ୍କୁ ଭଲ ଲାଗୁଥିବ ? ଧାର୍ମିକ ଉତ୍ସବର ନିଜସ୍ୱ ଏକ ମର୍ଯ୍ୟାଦା ରହିଛି। ଏମିତି ଉକ୍ରଟ ବିସର୍ଜନ- ଆମ ପରମ୍ପରା ? ଆମ ସଂସ୍କୃତି ? ସାର୍ବଜନୀନ ପୂଜା ଅୟୋଜକମାନଙ୍କର ପରସ୍ପର ପ୍ରତିଯୋଗିତାରେ ପୂଜାରେ ଆଡ଼ମ୍ବର ବଢିଚାଲିଛି। ଦେଖ ଆମ ଠାକୁର କେତେ ଉଚ୍ଚା, ଦେଖ ଆମ ମଣ୍ଡପ କେତେ ବଡ଼, ଦେଖ ଆମ ବିସର୍ଜନରେ ଚାରିଟା ଡିଜେ ଗାଡ଼ି ଯାଇଛି, ଦିଟା ଖେମଟା ନାଚ ପାର୍ଟି ଆସିଛି। ପୂଜା ଯେତେବେଳେ ପ୍ରଦର୍ଶନ ହୋଇଯାଏ - ଜାଣିବେ ତାହା ହେଲା ସମାଜ ପାଇଁ ଅଶନୀ ସଂକେତ।



**-ବ୍ୟଙ୍ଗ ଚିତ୍ର: କେଜି କଦମ**

# ମା' କଟକଚଣ୍ଡୀଙ୍କ ଷୋଳପୂଜା ବେଶ




ହରଚଣ୍ଡୀ


ମାତଙ୍ଗୀ


ରାଜରାଜେଶ୍ୱରୀ


ମହିଷାମର୍ଦ୍ଦିନୀ


ଜୟଦୁର୍ଗା


ମହାକାଳୀ


ଜଗଧାତ୍ରୀ


ମହାଲକ୍ଷ୍ମୀ


ସିଦ୍ଧେଶ୍ୱରୀ


ତ୍ରିପୁରା ଭୈରବୀ


ବନଦୁର୍ଗା


ଉଗ୍ରତାରା


ଗାୟତ୍ରୀ


ବଗଳାମୁଖୀ


ମହାସରସ୍ୱତୀ


ଷୋଡ଼ଶୀ


ସୁନାବେଶ

ଫଟୋ: ନାରାୟଣ ସିହ୍ନା, କଟକ



# ନାଆଁ ମୋ ଗାଜର

ନାଆଁ ମୋ ଗାଜର କରେ ଉପକାର
ମଣିଷ ପାଖରେ ଥାଇ
ହୋଇଥାଏ ସିଏ ସୁସ୍ଥ ସବଳ
ପ୍ରତିଦିନ ମତେ ଖାଇ ॥
ଗେରୁଆ ରଙ୍ଗରେ ଦେହକୁ ସଜାଇ
ମାଟିତଳେ ରହିଥାଏ
ଚାଷୀଭାଇ ମତେ ଆଦରେ ଖୋଳିଲେ
ଭାଉ ମୋର ବଢ଼ିଯାଏ ॥
ଗାଜର ହାଲୁଆ ଭାବରେ ପିଲାଙ୍କ
ମନକୁ ମୁଁ ମୋହିନିଏ
ଯିଏ ମତେ ଖାଏ ଭଲ ବୋଲି କହି
ଖୁସିରେ ପପିଟେ ଦିଏ ॥
ସାଲାଡ ଭାବରେ ପାଏ ମୁଁ ଆଦର
କାକୁଡ଼ି ସହିତ ଥାଇ
ପରିବା ହାଟରେ ମନେ ମନେ ବସି
ଖୁସିହୁଏ ଗୀତ ଗାଇ ॥

**ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିଦ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭



# ହସିଲାଣି କାଶତଣ୍ଡି

ହସିଲାଣି କାଶତଣ୍ଡି
ଶରତ ଆସିଲା,
ଧଳା ରଙ୍ଗ ଫୁଲ ଧରି
ଧରଣୀ ହସିଲା ॥
ନୀଳ ଆକାଶ ହସୁଛି
ମେଘ ଭାସୁଛି,
ସୁଲୁସୁଲୁ ପବନ ବହୁଛି
କାଶତଣ୍ଡି ଦୋଳୁଛି ॥
ସବୁଜ ଘାସ ଗାଲିଚା
ଶିଶିର ଝରୁଛି
କୁନି ପକ୍ଷୀ ଡାଳେ ବସି
ଗୀତ ଗାଉଛି ॥
ରଙ୍ଗିନ ପ୍ରଜାପତି
ଫୁଲେ ଉଡୁଛି
ଗୁଣୁଗୁଣୁ ମହୁମାଛି
ମଧୁ ଖୋଜୁଛି ॥
ନଦୀ ପାଟ କାଶ ଫୁଟି
ଧଳା ଦିଶୁଛି
ଶରତ ଋତୁ ହସି ,
ମନ ମୋହୁଛି ॥
ଆସ ଆସ କୁନି ସାଙ୍ଗ
ପ୍ରକୃତି ଦେଖିବା
କାଶତଣ୍ଡି ଗହଳରେ,
ଗୀତ ଗାଇବା ॥

**ସୁବ୍ରତ କୁମାର ଦାସ**
ରାଜେନ୍ଦ୍ରପୁର, ବାରିକପୁର
ବଜାର, ଭଦ୍ରକ
ମୋ: ୯୪୩୭୭୩୧୯୦୩

# ଜଳ କରିବାନି ନଷ୍ଟ

ଜଳ ଭାରି ଦରକାରୀ କରିବାନି ନଷ୍ଟ,
ନୋହିଲେ ଶେଷରେ ଆମେ ପାଇବାରେ କଷ୍ଟ ॥
ଯେତିକି ତ ଆବଶ୍ୟକ ସେତିକି ହିଁ ନେବା,
ଜଳ ସଂରକ୍ଷଣ ରେ ତ ଭାଗିଦାର ଦେବ ॥
ଜଳ ପାଇଁ ବଞ୍ଚିଅଛେ ଆମେ ସବୁ ଜୀବ
ଜଳ ନମିଳିଲେ ସୃଷ୍ଟି କ୍ଷଣେ ନାଶ ହେବ ॥
ଅଲଗା ଦେଶରେ ଜଳ ମୂଲ୍ୟ ବେଶୀ ଅଟେ
ଅଧିକାଂଶ ସମୟରେ ଅଭାବ ତ ଘଟେ ॥
ସେଥିପାଇଁ କହିଥାନ୍ତି ଜଳ ହିଁ ଜୀବନ
ସବୁବେଳେ ତାର ଲାଗି ହସେ ପ୍ରାଣ ମନ ॥

**ଡ଼ ଧୀରେନ୍ଦ୍ର କୁମାର ମଲ୍ଲିକ**
ନୀଳକଣ୍ଠପୁର,ମଙ୍ଗଳପୁର,ଯାଜପୁର
ମୋ: ୭୯୦୪୩୯୨୬୮୬

# ସକାଳର ମିଠା ସୂର୍ଯ୍ୟ

ପୂର୍ବ ଦିଗେ ହସିଲାଣି ସକାଳର ସୂର୍ଯ୍ୟ
ରାତି ପାହି ଗଲାଣି ତ, ଭାଙ୍ଗିଗଲା ଧୈର୍ଯ୍ୟ
ସୁନା ଭଳି କିରଣ ଯେବେ ଧରା ପରେ ପଡ଼େ
ଗଛପତ୍ର ସବୁଯାକ ଖୁସିରେ ଶିହରେ ॥
କିଚିମିଚି ଶବ୍ଦ କରି ଉଡ଼ନ୍ତି ଚଢ଼େଇ
ଡାଳେ ଡାଳେ ବସି ଗୀତ ଗାଆନ୍ତି ଗୋଡ଼େଇ
କହନ୍ତି ସେ, ଉଠ ପିଲେ ସକାଳ ହେଲାଣି
ନୂଆ ଏକ ସୁନ୍ଦର ଦିନ ଆସିଗଲାଣି ॥
କୁହୁଡ଼ି ସବୁ ପଳାଇଲା ସୂର୍ଯ୍ୟଙ୍କୁ ଯେ ଦେଖି
ବଗିଚାରେ ରଙ୍ଗବେରଙ୍ଗ ଫୁଲ ଗଲେ ଫୁଟି
ଖସିପଡ଼େ କାକର ବିନ୍ଦୁ ଗଛପତ୍ର ଶିରେ
ପବନ ଯେ ବହିଯାଏ ଧୀରେ ଧୀରେ ଧୀରେ ॥

**ଆଜାଦ୍ ମିଶ୍ର**
ବିବେକାନନ୍ଦ ଗୁରୁକୂଳ, ଡୁଙ୍ଗୁରିପାଲି ,
ସୁବର୍ଣ୍ଣପୁର

# କାହାକୁ ଯୋଡ଼ିବୁ ହାତ

ମନ୍ଦାର ଫୁଟିଛି ଦହନା ବାସୁଛି
ହସି ଉଠେ ଦୁର୍ବାଦଳ
ଶରତରେ ମା' ଆସିବେ ବୋଲି କି
ଉଲ୍ଲସିତ ଘାସଫୁଲ ॥
ପାର୍ବଣ ପବନ ବହେ ଘନଘନ
ମାଟି ବାସେ ମହମହ
ମାଆକୁ ଭରସା ପଣତରେ ତା'ର
ପୋଛି ଦେବ ଆଖି ଲୁହ ॥
ଶ୍ରଦ୍ଧାରେ ଗଢ଼ିବା ମାଟିର ମୂରତି
ବିରାଜିବେ ମାଆ ତହିଁ
ସେବା କରୁଥିବା ନଅ ଦିନ ଯାକ
ଉପାସ ବରତ ରହି ॥
ସୁଫଳା ଶ୍ରୀଫଳ ସହ ଖଣ୍ଡସାର
ଭୋଗ ଯାଚି ଦେବା ଖଇ
ଶରଣ ପଶିବା ଆଶିଷ ମାଗିବା
ଦୁଇ ହାତ ଯୋଡି ଦେଇ ॥
ମେଘକୁ କହିବୁ ପ୍ରତି ବରଷକୁ
ବରଷି ଦେବ ସେ ଜଳ
ଗଛରେ ପତର କଁଅଳି ଉଠିବ
ସବୁଜ ଦିଶିବ ବିଲ ॥
ରୋଗ ବଇରାଗ ନ ରହିବ ଭୋକ
ପୂରିବ ସବୁରି ପେଟ
ମାଆ ହୋଇ ଯଦି ଦୁଃଖ ନ ବୁଝିବ
କାହାକୁ ଯୋଡ଼ିବୁ ହାତ ॥

**ସୁହଂସ ଭୋଇ**
ପହଣ୍ଡି, ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫

# ବୁଝିପାରେନା

ମାଟିର ମୂର୍ତ୍ତିକୁ ପୂଜିଲେ କି ଲାଭ
ବୁଝିପାରେନା ମୁଁ କିଛି
ଚଳନ୍ତି ଠାକୁର ଘରେ ଥାଉ ଥାଉ
ପୂଜୁ ଆମେ ମାଟି ମୂର୍ତ୍ତି ॥
ନିର୍ଜୀବ ଦେହରେ ଲକ୍ଷ ଲକ୍ଷ ଟଙ୍କା
ଖର୍ଚ୍ଚ ଆମେ କରିଯାଉ
ପିତାମାତା ପାଇଁ ଖର୍ଚ୍ଚ କରିବାକୁ
କୁଣ୍ଠାବୋଧ କରିଥାଉ ॥
ଖାଇବାକୁ ମୁଠେ ଦାନା ଦେବାପାଇଁ
ଭାଇ ମଧ୍ୟେ ହୁଏ କଳି
ହଜାର ହଜାର ଟଙ୍କା ଖର୍ଚ୍ଚ କରି
ମୂର୍ତ୍ତି ପାଖେ ଦେଉ ବଳି ॥
ବାପାମାଙ୍କୁ ଆମେ କରୁ ହତାଦର
ଦେଉ ପୁଣି ନିର୍ଯାତନା
ମାଟି ମୂର୍ତ୍ତି ଦେହେ ଖର୍ଚ୍ଚ କରୁ ଟଙ୍କା
ପାଇବାକୁ ପୁଣ୍ୟ ସିନା ॥
କେବେ ଦୂର ହେବ ଏ
ମାନସିକତା
ହୀନ ସବୁ ଚିନ୍ତାଧାରା
ଯେବେ ଦୂର ହେବ ଏ
ମାନସିକତା
ସୁନ୍ଦର ହୋଇବ ଧରା ॥

**ଦୀପକ କୁମାର ନାୟକ**
ଗଣ୍ଡାନାଳୀ, ହିନ୍ଦୋଳ,
ଢେଙ୍କାନାଳ
ମୋ: ୮୬୩୭୨୬୧୮୨୮



# ପୂଜା ଫ୍ୟାଶନ

ଦଶହରା ଆସିଲେ ପୁରପଲ୍ଲୀ ଉତ୍ସବମୁଖର ହୋଇଉଠେ । ସବୁଠାରୁ ଆକର୍ଷଣୀୟ ଥାଏ ମାଆଙ୍କର ପେଣ୍ଡାଲ ବୁଲିବା । ସମସ୍ତେ ଭଲିକି ଭଲି ପୋଷାକ ପିନ୍ଧି ଦୁର୍ଗାପୂଜା ବୁଲିବାର ମଜା ନେଇଥାଆନ୍ତି । ତେବେ ଆସନ୍ତୁ ଜାଣିବା ସେହିଭଳି କିଛି ଦୁର୍ଗା ପୂଜା ଫ୍ୟାଶନକୁ ନେଇ ଟିପ୍ସ ।









**ଲାଲ ପାଢି ଶାଢ଼ି :** ଲାଲ ରଙ୍ଗର ପାଢି ଥିବା କ୍ଲାସିକ୍ ଧଳା କିମ୍ବା କ୍ରିମ୍ ରଙ୍ଗର ଶାଢ଼ି ହେଉଛି ଦୁର୍ଗା ପୂଜାର ବିଶେଷ ଆକର୍ଷଣ । କୋଲକାତା ସମେତ ବିଭିନ୍ନ ରାଜ୍ୟରେ ଏହି ଶାଢିକୁ ଦୁର୍ଗା ପୂଜା ସମୟରେ ମହିଳାମାନେ ପିନ୍ଧୁଥିବାର ଦେଖିବାକୁ ମିଳିଥାଏ ।

**ଜାମଦାନୀ :** ଏହି ଶାଢିଗୁଡିକ ଖୁବ ହାଲୁକା ହୋଇଥାଏ । ସୂକ୍ଷ୍ମ ଜାମଦାନୀ ବୁଣା ଶାଢ଼ି ଦିନବେଳେ ଗରମ ସମୟରେ ପେଣ୍ଡାଲ ବୁଲିବା ପାଇଁ ଆରାମଦାୟକ ହୋଇଥାଏ । ଏହା ଆପଣଙ୍କୁ ଏକ କ୍ଲାସିକ ଫେଷ୍ଟିଭ ଲୁକ ପ୍ରଦାନ କରିବ ।

**ସିଲ୍କ କ୍ଲାସିକ୍ସ :** ଗାଢ଼ ଲାଲ୍, ରୟାଲ୍ ବ୍ଲୁ କିମ୍ବା ମଷ୍ଟାଡ ରଙ୍ଗର ସମୃଦ୍ଧ ଟସର ସିଲ୍କ, ବନାରସୀ, ଏବଂ କାତାନ ସିଲ୍କ ଶାଢ଼ୀ ସନ୍ଧ୍ୟା ଆରତି ସମୟରେ ଏକ ଏଲିଗାଣ୍ଟ ଲୁକ୍ କ୍ରିଏଟ କରିବ ।

**ଅନାରକଲି ସେଟ୍ :** କାରୁକାର୍ଯ୍ୟପୂର୍ଣ୍ଣ ଚିକନ୍‌କାରୀ କୁର୍ତ୍ତା, ଫ୍ଲୋଇଂ ଅନାରକଲି, ଏବଂ ପାଷ୍ଟେଲ୍ କିମ୍ବା ଉଜ୍ଜ୍ୱଳ ରଙ୍ଗର ଏଥନିକ୍ ସୁଟ୍ ସେଟ୍ ଏକ ଭଲ ବିକଳ୍ପ ପାଲଟିଥାଏ । ଯେଉଁମାନେ ଶାଢି ବଦଳରେ କିଛି ଟ୍ରାଏ କରିବାକୁ ଚାହୁଁଛନ୍ତି, ତେବେ ଏମାନଙ୍କ ପାଇଁ ଏହା ଖୁବ ଭଲ ଅପସନ ।

## ଦିନ ଅନୁସାରେ ରଙ୍ଗର ପରମ୍ପରା

ଷଷ୍ଠୀ ଓ ସପ୍ତମୀରେ ମୟୂର ଚନ୍ଦ୍ରିକା ସବୁଜ, ମଷ୍ଟାଡ କଲର, ଏବଂ ହାଲୁକା ଫୁଲକଟା ପ୍ରିଣ୍ଟ ଭଳି ଅଧିକ ଉଜ୍ଜ୍ୱଳ ଓ ହାଲୁକା ରଙ୍ଗ । ସେହିଭଳି ଅଷ୍ଟମୀରେ ଗାଢ଼ ଲାଲ୍, ଗାଢ଼ ସବୁଜ, ରୟାଲ୍ ବ୍ଲୁ କିମ୍ବା ପାରମ୍ପରିକ ନାଲି-ଧଳା ରଙ୍ଗର କମ୍ବିନେସନ ଭଲ ହୋଇଥାଏ । ଏହାପରେ ନବମୀ ଓ ଦଶମୀ ପାଇଁ ଗାଢ଼ ମାରୁନ୍, ୱାଇନ୍ କଲର୍, ଗୋଲ୍ଡେନ ଏବଂ ସିନ୍ଦୂର ଖେଳ ସମୟରେ ବ୍ୟବହୃତ ଆଇକନିକ୍ ଧଳା ଏବଂନାଲି ଶାଢ଼ି ଖୁବ ଭଲ ଅପସନ୍ ।

## ଜୁଏଲାରୀ

ସମସ୍ତ ଅପସନ୍ ସହିତ ହେଭି ଜୁଏଲାରୀ ଖୁବ ମାନିବ । ତେବେ ନିଜ ପସନ୍ଦ ହିସାବରେ ଆପଣ ଜୁଏଲାରୀକୁ କଷ୍ଟମାଇଜ୍ଡ କରିପାରିବେ, ଯାହା ଆପଣଙ୍କ ଲୁକକୁ କମ୍ପ୍ଲିଟ କରିବ । ଶାଢିର ରଙ୍ଗ ଅନୁଯାୟୀ ନିଜର ଜୁଏଲାରୀର ରଙ୍ଗ ଚୟନ କରନ୍ତୁ ।




# ପ୍ଲେଗ୍

**ନିକଟରେ ରୁସରେ ବ୍ୟାପିଛି ପ୍ଲେଗ, ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଆରମ୍ଭ ହୋଇଛି । ତେବେ ଆସନ୍ତୁ ଜାଣିବା କଣ ଏହି ରୋଗ ଏବଂ କିଭଳି ହୋଇଥାଏ ଏହାର ସଂକ୍ରମଣ । କିଭଳି ଆପଣ ଏହାକୁ ଏଡାଇବା ସହ କିପରି ଏଥିରୁ ରକ୍ଷା ପାଇପାରିବେ ।**

ପ୍ଲେଗ୍ ହେଉଛି 'ୟେରସିନିଆ ପେଷ୍ଟିସ୍' ନାମକ ଏକ ବ୍ୟାକ୍ଟେରିଆ ବା ଜୀବାଣୁ ଦ୍ୱାରା ବ୍ୟାପୁଥିବା ଏକ ଅତ୍ୟନ୍ତ ଗମ୍ଭୀର ତଥା ମାରାତ୍ମକ ରୋଗ । ଯାହା ମୁଖ୍ୟତଃ ସାନ୍ଦ୍ର ଗ୍ରାମାଞ୍ଚଳ ଓ କ୍ଷୁଦ୍ର ରୋଡେଣ୍ଟ (ଯେପରିକି ମୂଷା) ଏବଂ ସେମାନଙ୍କ ଦେହରେ ଥିବା ଡେଁଶ କୀଟ ବା ଫ୍ଲାଇ ମାଧ୍ୟମରେ ସଂକ୍ରମିତ ହୋଇଥାଏ । ବିଶେଷକରି କୀଟ କାମୁଡ଼ିବା ଦ୍ୱାରା ହିଁ ମଣିଷ ଶରୀରକୁ ଏହି ଜୀବାଣୁ ପ୍ରବେଶ କରିଥାଏ । ତେବେ ଏହା ଏକ ବିରଳ ରୋଗ ଏବଂ ବିଶ୍ୱର ମାତ୍ର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦେଖାଯାଏ । ଯେପରିକି ଆମେରିକାର ପଶ୍ଚିମାଞ୍ଚଳ ଗ୍ରାମୀଣ ଇଲାକାରେ ବାର୍ଷିକ କିଛି ନିର୍ଦ୍ଦିଷ୍ଟ ମାମଲା ସାମ୍ନାକୁ ଆସିଥାଏ । ତେବେ ସମୟାନୁକ୍ରମେ ଆଣ୍ଟିବାୟୋଟିକ୍ ଚିକିତ୍ସା ନ ପାଇଲେ ଏହା ପ୍ରାଣଘାତୀ ସାବ୍ୟସ୍ତ ହୋଇପାରେ ।

## ଲକ୍ଷଣ

ପ୍ଲେଗ୍ ରୋଗର ଲକ୍ଷଣ ତିନୋଟି ଭିନ୍ନ ରୂପରେ ପରିଲକ୍ଷିତ ହୋଇଥାଏ । ପ୍ରଥମତଃ 'ବୁବୋନିକ୍ ପ୍ଲେଗ୍'ରେ ଶରୀରର ରୋଗ ପ୍ରତିରୋଧକ ସଂସ୍ଥାର ଅଂଶବିଶେଷ ଲିମ୍ଫ ନୋଡ୍‌ଗୁଡ଼ିକ ସଂକ୍ରମିତ ହୋଇଥଆଏ । ଯାହାଫଳରେ କାଖ, ଜଙ୍ଘ ସନ୍ଧି କିମ୍ବା ବେକରେ ଅଧ ଇଞ୍ଚରୁ ୪ ଇଞ୍ଚ ପର୍ଯ୍ୟନ୍ତ ଯନ୍ତ୍ରଣାଦାୟକ ବଥ ଭଳି ଫୁଲିଥାଏ, ଯାହାକୁ ଡାକ୍ତରୀଭାଷାରେ ବୁବୋ ବୋଲି କହିଥାଆନ୍ତି । ଏହାସହ ହଠାତ୍ ପ୍ରବଳ ଜ୍ୱର, କମ୍ପ, ମୁଣ୍ଡବିନ୍ଧା, ପ୍ରବଳ କ୍ଲାନ୍ତି, ଅବସାଦ, ମାଂସପେଶୀ ବିନ୍ଧା ଓ ସାଧାରଣ ଅସୁସ୍ଥତା ଦେଖାଦେଇଥାଏ । ଦ୍ୱିତୀୟତଃ 'ସେପ୍ଟିସେମିକ୍ ପ୍ଲେଗ୍'ରେ ଜୀବାଣୁ ରକ୍ତସ୍ରୋତରେ ପ୍ରବେଶ କରି ବଂଶବୃଦ୍ଧି କରୁଥିବାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଉଚ୍ଚ ଜ୍ୱର, ପ୍ରବଳ ଦୁର୍ବଳତା, ପେଟବିନ୍ଧା, ଝାଡ଼ା, ବାନ୍ତି ଏବଂ ଗୁରୁତର ଅବସ୍ଥାରେ ପାଟି, ନାକ, ମଳଦ୍ୱାର କିମ୍ବା ଚର୍ମ ତଳୁ ରକ୍ତସ୍ରାବ, ବାତ ଓ ଚର୍ମ କଳାପଡ଼ି ନଷ୍ଟ ହେବା ଭଳି ବିପଜ୍ଜନକ ସମସ୍ୟା ଉପୁଜିଥାଏ । ତୃତୀୟ ତଥା ସବୁଠାରୁ ଭୟଙ୍କର 'ନିମୋନିକ୍ ପ୍ଲେଗ୍' ସିଧାସଳଖ ଫୁସଫୁସକୁ ଆକ୍ରାନ୍ତ କରୁଥିବାରୁ ସଂକ୍ରମଣର କିଛି ଘଣ୍ଟା ମଧ୍ୟରେ ହିଁ ଜ୍ୱର, ରକ୍ତଶ୍ଳେଷ୍ମା ସହ କାସ, ଶ୍ୱାସକ୍ରିୟାରେ କଷ୍ଟ, ଛାତିବିନ୍ଧା, ବାନ୍ତି ଓ ପ୍ରବଳ ଦୁର୍ବଳତା ଦେଖାଦିଏ । ଯାହାର ପ୍ରଥମ ଦିନରୁ ଚିକିତ୍ସା କରାନଗଲେ ଫୁସଫୁସ ଅକାମୀ ହୋଇ ରୋଗୀର ମୃତ୍ୟୁ ଘଟିଥାଏ । ତେଣୁ ଲକ୍ଷଣ ଦେଖିବାମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।







## କାରଣ

ପ୍ଲେଗ୍ ରୋଗର ମୁଖ୍ୟ କାରଣ ହେଉଛି 'ୟେରସିନିଆ ପେଷ୍ଟିସ୍' ନାମକ ବ୍ୟାକ୍ଟେରିଆ, ଯାହା ମୁଖ୍ୟତଃ କ୍ଷୁଦ୍ର ଜୀବଜନ୍ତୁ ଏବଂ ସେମାନଙ୍କ ଦେହରେ ବାସ କରୁଥିବା ଫ୍ଲିଙ୍କ ମାଧ୍ୟମରେ ସଂକ୍ରମିତ ହୋଇଥାଏ । ବିଶେଷକରି ବିଶ୍ୱର କିଛି ଦେଶରେ ମୂଷା, କାଠବିରାଡ଼ି, ଠେକୁଆ, ପ୍ରେରୀ ଡଗ୍‌ସ ଏବଂ ଚିପମଙ୍କ ଭଳି ଛୋଟ ଜନ୍ତୁଙ୍କଠାରେ ଏହି ଜୀବାଣୁ ବ୍ୟାପକ ଭାବେ ଦେଖାଯାନ୍ତି । ଏତଦ୍‌ବ୍ୟତୀତ, ଏହି ସଂକ୍ରମିତ ଜୀବମାନଙ୍କୁ ଶିକାର କରିବା କିମ୍ବା ସେମାନଙ୍କ ଶରୀରରୁ ଉକ୍ତ କୀଟ ସଂସ୍ପର୍ଶରେ ଆସିବା ଦ୍ୱାରା ଘରୋଇ ପୋଷା ବିରାଡ଼ି, କୁକୁର, କୋକିଶିଆଳି ଏବଂ ଜଙ୍ଗଲୀ ବିରାଡ଼ି ଭଳି ଅନ୍ୟ ପ୍ରାଣୀମାନେ ମଧ୍ୟ ଏହି ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ତେଣୁ ଏହି ଜୀବମାନେ କାମୁଡିବା ଫଳରେ ପ୍ଲେଗ ହେବାର ଆଶଙ୍କା ବଢିଥାଏ ।



# ଲୋଭ ହେଲା କାଳ

**ଆଇ ମା କାହାଣୀରେ ଅନେକ ଏଭଳି ଗଳ୍ପ ଥାଏ ଯାହାକୁ ଶୁଣିଶୁଣି ଆମେ ବଡ ହୋଇଥାଉ । ଏହି ସମସ୍ତ ଗଳ୍ପରେ ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ କଥାକୁ ଖୁବ ସହଜ ଓ ସୁନ୍ଦରରେ ବୁଝାଇ ଦିଆଯାଇଥାଏ । ସେହିଭଳି ଏକ ଗଳ୍ପ ହେଲା ଲୋଭ ହେଲା କାଳ ।**



ନଦୀ କୂଳରେ ଗୋଟିଏ ସୁନ୍ଦର ଗାଁରେ ଦେବଦତ୍ତ ଓ ପ୍ରଭୁଦତ୍ତ ନାମକ ଦୁଇ ଭାଇ ବାସ କରୁଥିଲେ । ବାପା - ମାଆଙ୍କ ଅକାଳ ବିୟୋଗ ପରେ ସ୍ୱାର୍ଥପର ଓ ଲୋଭୀ ବଡ଼ ଭାଇ ଦେବଦତ୍ତ ସମସ୍ତ ପୈତୃକ ସମ୍ପତ୍ତି ନିଜ ନାଁରେ ହଡ଼ପ କରି ନିରୀହ ସାନ ଭାଇ ପ୍ରଭୁଦତ୍ତକୁ ଘରୁ ତଡ଼ି ଦେଇଥିଲା । ସ୍ତ୍ରୀ ସହ ଦୁଃଖକଷ୍ଟରେ ଦିନ କାଟୁଥିବା ପ୍ରଭୁଦତ୍ତ ଦିନେ ଭୀଷଣ ବର୍ଷା ରାତିରେ ଜଣେ ସାଧୁଙ୍କୁ ନିଜ କୁଡ଼ିଆରେ ଆଶ୍ରୟ ଦେଇ ନିଷ୍ଠାର ସହ ସେବା କରିଥିଲା । ଯାହାଦ୍ୱାରା ପ୍ରସନ୍ନ ହୋଇ ସାଧୁ ତାକୁ ଏକ ଯାଦୁ ଚକି ଉପହାର ଦେଇ ବୁଝାଇଥିଲେ ଯେ ଚକିଟିକୁ ଘୂରାଇ ଯାହା ମାଗିଲେ ତାହା ବାହାରିବ । ଉପରେ ଏକ କପଡ଼ା ଘୋଡ଼ାଇ ଦେଲେ ଏହା ବନ୍ଦ ହୋଇଯିବ । ଏହି ଯାଦୁ ଚକି ବଳରେ ପ୍ରଭୁଦତ୍ତ ଗାଁରେ ଜଣେ ଧନୀ ଓ ଦୟାଳୁ ବ୍ୟକ୍ତି ହୋଇଗଲା । କିନ୍ତୁ ସାନ ଭାଇର ଏହି ସମୃଦ୍ଧି ଦେଖି ସହିନପାରି ଦେବଦତ୍ତ ଈର୍ଷାରେ ଜଳିଉଠିଲା । ରାତିଅଧରେ ପ୍ରଭୁଦତ୍ତ ଘରୁ ସେହି ଯାଦୁ ଚକିଟିକୁ ଚୋରି କରି ନିଜ ପରିବାର ସହ ଧରାପଡ଼ିବା ଭୟରେ ଗୋଟିଏ ଡଙ୍ଗାରେ ବସି ସମୁଦ୍ର ଯାତ୍ରା କଲା । ସମୁଦ୍ର ମଝିରେ ଗଲାବେଳେ ଖାଇବା ତିଆରି ସମୟରେ ଲୁଣ ନଥିବାରୁ ଦେବଦତ୍ତ ଲୋଭ ଓ ଉତ୍ସାହରେ ଯାଦୁ ଚକିଟିକୁ ବୁଲାଇ ଲୁଣ ମାଗିବା ଆରମ୍ଭ କଲା । ଚକିରୁ ପ୍ରଚୁର ପରିମାଣରେ ଲୁଣ ବାହାରି ଡଙ୍ଗା ଭିତରେ ଜମା ହେବାକୁ ଲାଗିଲା । କିନ୍ତୁ ଅଜ୍ଞାନତା ହେତୁ ଦେବଦତ୍ତ ଚକିଟିକୁ ବନ୍ଦ କରିବାର ଉପାୟ ଜାଣିନଥିଲା । ଯାହା ଫଳରେ ଲୁଣର ଭାରରେ ଡଙ୍ଗାଟି ବୁଡ଼ିଯିବା ପରିସ୍ଥିତି ସୃଷ୍ଟି ହେଲା । ଆପଣା ଜୀବନ ବଞ୍ଚାଇବା ପାଇଁ ଅନ୍ୟ କୌଣସି ଉପାୟ ନପାଇ ଦେବଦତ୍ତ ସେହି ଚାଲୁଥିବା ଯାଦୁ ଚକିଟିକୁ ସମୁଦ୍ର ଭିତରକୁ ଫିଙ୍ଗି ଦେବାକୁ ବାଧ୍ୟ ହେଲା । ହେଲେ ଏହି ସମୟରେ ଭାର ସହି ନପାରି ଡଙ୍ଗାଟି ମଧ୍ୟ ପଲଟି ଗଲା ଏବଂ ସମସ୍ତଙ୍କର ଜୀବନ ଚାଲିଗଲା । ତେଣୁ ଅତି ଲୋଭ ଏବଂ ଇର୍ଷା କାରଣରୁ ବଡଭାଇର ଜୀବନ ଚାଲିଗଲା । ତେଣୁ ଜୀବନରେ ଖୁସିରେ ରହିବାକୁ ହେଲେ ପ୍ରଥମେ ଇର୍ଷାକୁ ତ୍ୟାଗ କରିବାକୁ ହେବ ।



# ରଣଜୀ ଦଳରେ ୪ ନବାଗତ

ରଣଜୀ ଟ୍ରଫିର ନୂଆ ସିଜନ୍ ଆରମ୍ଭ ପୂର୍ବରୁ ଓଡ଼ିଶା କ୍ରିକେଟ୍ର ନଜର ଏବେ ୧୭ ଜଣିଆ ଦଳ ଉପରେ। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱରେ ୨୦୨୬-୨୭ ବିସିସିଆଇ ଘରୋଇ କ୍ରିକେଟ୍ ସିଜନ୍ ପାଇଁ ଘୋଷିତ ଏହି ଦଳରେ ବିଭିନ୍ନ ଭୂମିକାର ଖେଳାଳିଙ୍କୁ ସାମିଲ କରାଯାଇଛି। ଏହି ତାଲିକାରେ ବିଶେଷ ଭାବେ ଚାରିଟି ନାମ ଉପରେ ନଜର ରହିଛି- ଶ୍ରେୟାଂଶ ଭରଦ୍ୱାଜ, ସୌମ୍ୟ ଲେଙ୍କା, ସମ୍ବିତ ବେଜା ଓ ଓମ୍ ଟି. ମୁଣ୍ଡେ। ଚାରିଜଣଙ୍କ ଭୂମିକା ଏକା ନୁହେଁ। କେହି ବ୍ୟାଟିଂ ବିଭାଗର ଅଂଶ, କେହି ବୋଲିଂ ବିଭାଗରେ ରହିଛନ୍ତି ତ ଆଉ କେହି ଅଲରାଉଣ୍ଡର୍ ଭାବେ ଦଳରେ ସ୍ଥାନ ପାଇଛନ୍ତି।

**ଶ୍ରେୟାଂଶ ଭରଦ୍ୱାଜ:** ଓଡ଼ିଶାର ୧୭ ଜଣିଆ ରଣଜୀ ଦଳରେ ଶ୍ରେୟାଂଶ ଭରଦ୍ୱାଜଙ୍କୁ ଡାହାଣହାତୀ ବ୍ୟାଟର୍ ଭାବେ ତାଲିକାଭୁକ୍ତ କରାଯାଇଛି। ଅର୍ଥାତ୍ ଦଳର ବ୍ୟାଟିଂ ବିଭାଗରେ ତାଙ୍କ ସ୍ଥାନ। ସ୍ୱସ୍ତିକ ସାମଲ, ସୁଭ୍ରାଂଶୁ ସେନାପତି, ଓମ୍ ଟି. ମୁଣ୍ଡେ, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ ଓ ଶାନ୍ତନୁ ମିଶ୍ରଙ୍କ ସହ ଶ୍ରେୟାଂଶ ମଧ୍ୟ ବ୍ୟାଟିଂ ୟୁନିଟରେ ରହିଛନ୍ତି। ରଣଜୀ ଟ୍ରଫି ହେଉଛି ଦୀର୍ଘ ଫର୍ମାଟର କ୍ରିକେଟ୍। ଏଠାରେ ବ୍ୟାଟରଙ୍କ ପାଇଁ କେବଳ ରନ୍ କରିବା ନୁହେଁ, ଦୀର୍ଘ ସମୟ କ୍ରିଜରେ ରହିବାର ଦକ୍ଷତା ମଧ୍ୟ ଗୁରୁତ୍ୱ ରଖେ। ତେବେ ଶ୍ରେୟାଂଶଙ୍କ ବ୍ୟାଟିଂ କ୍ରମ କିମ୍ବା ତାଙ୍କୁ ନିୟମିତ ଏକାଦଶରେ ଖେଳାଯିବ କି ନାହିଁ, ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ନାହିଁ। ତଥାପି ତାଙ୍କର ନିଶ୍ଚିତ ଭୂମିକା ହେଉଛି- ଦଳରେ ବ୍ୟାଟିଂ ବିକଳ୍ପ।

**ସୌମ୍ୟ ଲେଙ୍କା:** ଅନ୍ୟପଟେ ସୌମ୍ୟ ଲେଙ୍କାଙ୍କ ଭୂମିକା ବଲ୍ ସହ। ଓସିଏ ଘୋଷଣା କରିଥିବା ଦଳ ତାଲିକାରେ ସୌମ୍ୟଙ୍କୁ ଡାହାଣହାତୀ ମିଡିୟମ୍ ଫାଷ୍ଟ ବୋଲର୍ ଭାବେ ଦର୍ଶାଯାଇଛି। ରାଜେଶ ମହାନ୍ତି, ପ୍ରଶାନ୍ତ ରାଣା ଓ ଲଳିତ ଯାଦବଙ୍କ ସହ ସେ ପେସ୍ ବୋଲିଂ ବିଭାଗର ଅଂଶ ହୋଇଛନ୍ତି। ରଣଜୀ ଟ୍ରଫିରେ ପେସରଙ୍କ ଭୂମିକା ପରିସ୍ଥିତି ଓ ପିଚ୍ ଅନୁଯାୟୀ ବଦଳିପାରେ। ନୂଆ ବଲରେ ବୋଲିଂ କରିବାଠାରୁ ଆରମ୍ଭ କରି ଦୀର୍ଘ ସ୍ପେଲ୍ ବୋଲିଂ କରିବା ପର୍ଯ୍ୟନ୍ତ ଦଳକୁ ବିଭିନ୍ନ ପର୍ଯ୍ୟାୟରେ ପେସ୍ ବୋଲରଙ୍କ ଆବଶ୍ୟକତା ରହିଥାଏ। ସୌମ୍ୟ ଓଡ଼ିଶାର



ଶ୍ରେୟାଂଶ ଭରଦ୍ୱାଜ



ଓମ୍ ଟି. ମୁଣ୍ଡେ



ସମ୍ବିତ ବେଜା



ସୌମ୍ୟ ଲେଙ୍କା




ପେସ୍ ବୋଲରଙ୍କ ଆବଶ୍ୟକତା ରହିଥାଏ। ସୌମ୍ୟ ଓଡ଼ିଶାର ରଣଜୀ ଦଳର ପେସ୍ ବୋଲିଂ ବିକଳ୍ପ ଭାବେ ସ୍ଥାନ ପାଇଛନ୍ତି।

**ସମ୍ବିତ ବେଜା :** ନୂଆକରି ସ୍ଥାନ ପାଇଥିବା ୪ ଖେଳାଳିଙ୍କ ମଧ୍ୟରେ ଦୁଇଟି ବିଭାଗରେ ଭୂମିକା ରହିଛି ସମ୍ବିତ ବେଜାଙ୍କର। ତାଙ୍କୁ ଓସିଏ ଅଲରାଉଣ୍ଡର୍ ଭାବେ ଦଳରେ ସାମିଲ କରିଛି। ଅର୍ଥାତ୍ ଦଳ ତାଲିକା ଅନୁସାରେ ସମ୍ବିତ କେବଳ ଗୋଟିଏ ବିଭାଗର ଖେଳାଳି ନୁହନ୍ତି; ସେ ଅଲରାଉଣ୍ଡର୍ ଭାବେ ଦଳରେ ସ୍ଥାନ ପାଇଛନ୍ତି। ରଣଜୀ ଭଳି ଦୀର୍ଘ ଫର୍ମାଟରେ ଅଲରାଉଣ୍ଡରଙ୍କ ଭୂମିକା ଦଳର ସନ୍ତୁଳନ ସହ ଜଡ଼ିତ। ଜଣେ ଖେଳାଳିଙ୍କୁ ଦୁଇଟି ବିଭାଗରେ ବ୍ୟବହାର କରିବାର ବିକଳ୍ପ ଦଳ ପରିଚାଳନା ପାଖରେ ରହିଥାଏ। ତେବେ ସମ୍ବିତ କେଉଁ ଭୂମିକାରେ କେତେ ଅଂଶ ନେବେ, ତାହା ନିର୍ଦ୍ଦିଷ୍ଟ ମ୍ୟାଚର ଏକାଦଶ ଓ ଦଳୀୟ ରଣନୀତି ଉପରେ ନିର୍ଭର କରିବ।

**ଓମ୍ ଟି. ମୁଣ୍ଡେ:** ବ୍ୟାଟିଂରେ ଆଉ ଜଣେ ବିକଳ୍ପ ହେଉଛନ୍ତି ଓମ୍ ଟି. ମୁଣ୍ଡେ। ସେ ଜଣେ ଡାହାଣହାତୀ ବ୍ୟାଟର୍। ଦଳରେ ଓମଙ୍କ ସହ ଶ୍ରେୟାଂଶ ମଧ୍ୟ ଡାହାଣହାତୀ ବ୍ୟାଟର୍ ଭାବେ ରହିଛନ୍ତି। ଅର୍ଥାତ୍ ଦଳର ବ୍ୟାଟିଂ ବିକଳ୍ପରେ ଉଭୟଙ୍କ ସ୍ଥାନ ରହିଛି।

## ଚାରି ଭୂମିକା, ଗୋଟିଏ ଦଳ

ଶ୍ରେୟାଂଶ, ସୌମ୍ୟ, ସମ୍ବିତ ଓ ଓମଙ୍କୁ ଏକାଠି ଦେଖିଲେ ଓଡ଼ିଶା ଦଳ ଗଠନର ଏକ ଚିତ୍ର ସାମ୍ନାକୁ ଆସେ। ଶ୍ରେୟାଂଶ ଓ ଓମ୍ ବ୍ୟାଟିଂ ବିଭାଗରେ, ସୌମ୍ୟ ପେସ୍ ବୋଲିଂ ବିଭାଗରେ ଏବଂ ସମ୍ବିତ ଅଲରାଉଣ୍ଡର୍ ଭାବେ ଦଳରେ ଅଛନ୍ତି। ଏହି ଭୂମିକାଗୁଡ଼ିକ ଦଳ ତାଲିକାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏହା ସହ ଓଡ଼ିଶା ଦଳରେ ଦୁଇ ୱିକେଟକିପର ଆଶୀର୍ବାଦ ସ୍ୱାଇଁ ଓ ଦିନେଶ ମାଝୀରହିଥିବା ବେଳେ ଏବଂ ଦୁଇ ବାମହାତୀ ସ୍ପିନର ସୟଦ ତୁଫାଇଲ୍ ଅହମଦ ଓ ବାଦଲ ବିଶ୍ୱାଳ ରହିଛନ୍ତି। ଏହା ସହ ନିନାଦ ରାଠୱାଙ୍କୁ ମଧ୍ୟ ଅଲରାଉଣ୍ଡର୍ ଭାବେ ରଖାଯାଇଛି। ଏହି ଗଠନ ମଧ୍ୟରେ ଶ୍ରେୟାଂଶ, ସୌମ୍ୟ, ସମ୍ବିତ ଓ ଓମଙ୍କ ନିଜସ୍ୱ ଭୂମିକା ଦଳ ତାଲିକାରେ ପୃଥକ ଭାବେ ଚିହ୍ନିତ।

## ଗୁଜରାଟରୁ ଆରମ୍ଭ

ଓଡ଼ିଶାର ୨୦୨୬-୨୭ ରଣଜୀ ଅଭିଯାନ ଅକ୍ଟୋବର ୧୧ରୁ ଗୁଜରାଟ ବିପକ୍ଷରେ ଆରମ୍ଭ ହେବ। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ 'ବି' ଗ୍ରାଉଣ୍ଡରେ ଅକ୍ଟୋବର ୧୧ରୁ ୧୪ ପର୍ଯ୍ୟନ୍ତ ମ୍ୟାଚ୍ ଖେଳାଯିବ। ଏହାପରେ ଅକ୍ଟୋବର ୧୮ରୁ କେରଳ ବିପକ୍ଷରେ ଥିରୁବନନ୍ତପୁରମରେ ଦ୍ୱିତୀୟ ମ୍ୟାଚ୍। ଅକ୍ଟୋବର ୨୬ରୁ ସର୍ଭିସେସ୍ ଏବଂ ନଭେମ୍ବର ୨ରୁ ଝାଡ଼ଖଣ୍ଡ ବିପକ୍ଷରେ ଓଡ଼ିଶା ଘରୋଇ ମାଟିରେ ଖେଳିବ। ନୂଆ ବର୍ଷରେ ଜାନୁଆରୀ ୧୭ରୁ ଦିଲ୍ଲୀ ବିପକ୍ଷରେ ବାରବାଟୀ ଷ୍ଟାଡିୟମରେ ମ୍ୟାଚ୍ ରହିଛି। ଏହାପରେ ମହାରାଷ୍ଟ୍ର ଓ ବଙ୍ଗଳା ବିପକ୍ଷରେ ଲିଗ୍ ଅଭିଯାନ ଶେଷ ହେବ। ଏହି ଦୀର୍ଘ ଅଭିଯାନରେ ଶ୍ରେୟାଂଶ, ସୌମ୍ୟ, ସମ୍ବିତ ଓ ଓମଙ୍କ ଭୂମିକା ଦଳର ଆବଶ୍ୟକତା ଅନୁଯାୟୀ ନିର୍ଦ୍ଧାରିତ ହେବ। ଏକାଦଶରେ କାହାକୁ ସ୍ଥାନ ମିଳିବ, କେଉଁ ପରିସ୍ଥିତିରେ କିଏ ଖେଳିବେ ଏସବୁ ନିଷ୍ପତ୍ତି ମ୍ୟାଚ୍ ପୂର୍ବରୁ ନିଆଯିବ। କିନ୍ତୁ ଏହି ଚାରି ନାମର ଗୁରୁତ୍ୱ ଏତିକିରେ ସୀମିତ ନୁହେଁ ଯେ ସେମାନେ ଦଳ ତାଲିକାରେ ଅଛନ୍ତି। ସେମାନଙ୍କ ଭୂମିକା ଓଡ଼ିଶା ରଣଜୀ ଦଳର ଭିନ୍ନ ଭିନ୍ନ ବିଭାଗକୁ ପ୍ରତିନିଧିତ୍ୱ କରୁଛି। ଶ୍ରେୟାଂଶ ଓ ଓମ୍ ବ୍ୟାଟର୍, ସୌମ୍ୟ ପେସର୍ ଏବଂ ସମ୍ବିତ ଅଲରାଉଣ୍ଡର୍। ଏବେ ରଣଜୀ ମଇଦାନରେ ଏହି ଭୂମିକା କେତେ ଦୃଶ୍ୟମାନ ହେବ ତାହା ଦେଖିବାକୁ ବାକି ରହିଲା।

# ରଣଜୀ ଡେବ୍ୟୁରେ ଚମକ

ମାତ୍ର ୧୮ ବର୍ଷ ବୟସରେ ରଣଜୀ ଟ୍ରଫିରେ ପଦାର୍ପଣ କରିଥିବା ସୟଦ ତୁଫୈଲ ଅହମ୍ମଦ ଯୁବ ବାମହାତୀ ସ୍ପିନର ଡେବ୍ୟୁ ମ୍ୟାଚରେ ହିଁ ନିଜ ପ୍ରତିଭାର ଝଲକ ଦେଖାଇଛନ୍ତି। ୨୦୨୫-୨୬ ରଣଜୀ ଟ୍ରଫିର ଶେଷ ମ୍ୟାଚରେ ଝାଡ଼ଖଣ୍ଡ ବିପକ୍ଷରେ ତାଙ୍କର ୮ ୱିକେଟ୍ ଶିକାର ଓଡ଼ିଶା କ୍ରିକେଟର ନୂଆ ଆଶା ସୃଷ୍ଟି କରିଛି। ଜାମସେଦପୁରର କିନନ୍ ଷ୍ଟାଡିୟମରେ ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍ ସୟଦ ତୁଫୈଲଙ୍କ ପାଇଁ ସ୍ମରଣୀୟ ହୋଇଛି। ପ୍ରଥମ ଇନିଂସରେ



ତୁଫୈଲ ଅହମ୍ମଦ

ସେ ୪ଟି ୱିକେଟ୍ ନେଇଥିବା ବେଳେ ଦ୍ୱିତୀୟ ଇନିଂସରେ ମଧ୍ୟ ୪ଟି ୱିକେଟ୍ ହାସଲ କରିଥିଲେ। ମ୍ୟାଚରେ ମୋଟ ୮ ୱିକେଟ୍ ନେଇ ସେ ଡେବ୍ୟୁକୁ ମନେ ରହିବା ଭଳି କରିଥିଲେ। ଯଦିଓ ଓଡ଼ିଶା ଏହି ମ୍ୟାଚରେ ପରାଜିତ ହୋଇଥିଲା, ସୟଦ ତୁଫୈଲଙ୍କ ପ୍ରଦର୍ଶନ ଦଳ ପାଇଁ ସକାରାତ୍ମକ ଦିଗ ହୋଇଥିଲା। ସୟଦ ତୁଫୈଲଙ୍କ ଉନ୍ନତି ହଠାତ୍ ଘଟିନାହିଁ। ବୟସ ଭିତ୍ତିକ କ୍ରିକେଟରୁ ହିଁ ସେ ନିଜ ପ୍ରତିଭାର ପରିଚୟ ଦେଇଆସିଛନ୍ତି। ଓଡ଼ିଶାର ଅଣ୍ଡର ନାଇଣ୍ଟିନ ଦଳରେ ସ୍ଥାନ ପାଇବା ପରେ ସେ ଭିନ୍ନ ଭିନ୍ନ ବୟସ ବର୍ଗରେ ଖେଳିଛନ୍ତି। ୨୦୨୫ ମେ'ରେ ଭୁବନେଶ୍ୱର-'ଏ' ପକ୍ଷରୁ ଓଡ଼ିଶା ଅଣ୍ଡର ନାଇଣ୍ଟିନ ଆନ୍ତଃଜିଲ୍ଲା ପ୍ରତିଯୋଗିତାରେ ରାଉରକେଲା ବିପକ୍ଷରେ ୭ଟି ୱିକେଟ୍ ନେଇ ଦଳକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସେହି ମ୍ୟାଚରେ ତାଙ୍କୁ 'ପ୍ଲେୟର ଅଫ୍ ଦି ମ୍ୟାଚ୍' ମଧ୍ୟ ଚୟନ କରାଯାଇଥିଲା। ଏହାପରେ ଅଣ୍ଡର-୨୩ ସ୍ତରରେ ମଧ୍ୟ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଛି। ନଭେମ୍ବର ୨୦୨୫ରେ ଗୋଆ ବିପକ୍ଷ ଅଣ୍ଡର-୨୩ ଷ୍ଟେଟ୍-ଏ ଟ୍ରଫି ମ୍ୟାଚ୍ରେ ସେ ମାତ୍ର ୯ ରନ୍ ଦେଇ ୪ଟି ୱିକେଟ୍ ନେଇଥିଲେ। ତାଙ୍କ ଘାତକ ବୋଲିଂ ଯୋଗୁ ଓଡ଼ିଶା ଗୋଆକୁ ୧୬୬ ରନରେ ଅଲଆଉଟ୍ କରିବାରେ ସଫଳ ହୋଇଥିଲା। ଭୁବନେଶ୍ୱରର ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲ୍-୨ରେ ଅଧ୍ୟୟନ କରିଥିବା ସୟଦ ତୁଫୈଲ ପାରାମାଉଣ୍ଟ ସ୍ପୋର୍ଟ କ୍ଲବରୁ କ୍ରିକେଟ୍ ଶିକ୍ଷା ନେଇଛନ୍ତି। ସେ ଡାହାଣହାତୀ ବ୍ୟାଟର୍ ହୋଇଥିବା ବେଳେ ବାମହାତୀ ଅର୍ଥୋଡକ୍ସ ସ୍ପିନ୍ ବୋଲର୍ ଭାବେ ଖେଳନ୍ତି। ଓଡ଼ିଶାର ବୟସଭିତ୍ତିକ ଦଳଗୁଡ଼ିକରେ ତାଙ୍କ ନିରନ୍ତର ଉପସ୍ଥିତି ତାଙ୍କ ବିକାଶର ଚିତ୍ର ସ୍ପଷ୍ଟ କରୁଛି। ୨୦୨୫-୨୬ ଋତୁରେ ସୟଦ ତୁଫୈଲଙ୍କୁ ଓଡ଼ିଶାର ସିନିୟର ଦଳରେ ସୁଯୋଗ ମିଳିଥିଲା। ଓଡ଼ିଶା କ୍ରିକେଟ୍ ଆସୋସିଏଶନର ଅଧିକାରିକ ତାଲିକାରେ ସେ ରଣଜୀ ଟ୍ରଫି ଓ ବିଜୟ ହଜାରେ ଟ୍ରଫି ଦଳରେ ସ୍ଥାନ ପାଇଥିଲେ। ଏବେ ୨୦୨୬-୨୭ ରଣଜୀ ଟ୍ରଫିର ପ୍ରଥମ ଦୁଇ ମ୍ୟାଚ୍ ପାଇଁ ଘୋଷିତ ଓଡ଼ିଶା ଦଳରେ ମଧ୍ୟ ତାଙ୍କୁ ରଖାଯାଇଛି। ଓଡ଼ିଶା ଦଳରେ ବାମହାତୀ ସ୍ପିନ୍ ବିକଳ୍ପ ଭାବେ ସୟଦ ତୁଫୈଲଙ୍କ ଉପସ୍ଥିତି ଆଗାମୀ ଦିନରେ ଦଳ ପାଇଁ ଉପଯୋଗୀ ହୋଇପାରେ। ବୟସ କମ୍ ହୋଇଥିଲେ ମଧ୍ୟ ବୟସଭିତ୍ତିକ କ୍ରିକେଟରୁ ସିନିୟର ସ୍ତର ପର୍ଯ୍ୟନ୍ତ ତାଙ୍କ ଯାତ୍ରା ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ରଣଜୀ ଡେବ୍ୟୁରେ ୮ ୱିକେଟ୍ ତାଙ୍କ ଦକ୍ଷତାର ଏକ ବଡ଼ ପ୍ରମାଣ। ଏବେ ନିୟମିତ ଭାବେ ସିନିୟର କ୍ରିକେଟରେ ସୁଯୋଗ ପାଇ ନିଜକୁ ପ୍ରମାଣିତ କରିବା ହେବ ଏହି ଯୁବ ସ୍ପିନରଙ୍କ ପରବର୍ତ୍ତୀ ଲକ୍ଷ୍ୟ।

# ଓଟିଟି ଷ୍ଟାର ହରଲୀନ



**ନିଜକୁ ସବୁବେଳେ ଅସୁନ୍ଦର ଭାବୁଥିବା ଅଭିନେତ୍ରୀ ହରଲୀନ ସେଠୀ ଆଜି ପାଲଟିଛନ୍ତି ଓଟିଟିର ଷ୍ଟାର । ନିଜର ଦମଦାର ଅଭିନୟ ଓ ବୋଲ୍ଡ ଅନ୍ଦାଜ ପାଇଁ ଆଜି ସେ ଓଟିଟି ଓ ବଲିଉଡରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିବାରେ ସଫଳ ହୋଇଛନ୍ତି ।**

ଭାରତୀୟ ଅଭିନେତ୍ରୀ, ନୃତ୍ୟଶିଳ୍ପୀ ତଥା ଆଙ୍କର ହରଲୀନ୍ ସେଠୀ ନିଜର ଦମଦାର ଅଭିନୟ ପାଇଁ ବଲିଉଡ୍ ଏବଂ ଓଟିଟି ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ୨୩ ଜୁନ୍ ୧୯ ୯୨ରେ ମୁମ୍ବାଇର ଏକ ପଞ୍ଜାବୀ ପରିବାରରେ ଜନ୍ମଗ୍ରହଣ କରିଥିବା ହରଲୀନ୍ ନିଜର ପ୍ରାରମ୍ଭିକ ଶିକ୍ଷା ଜାନକୀଦେବୀ ପବ୍ଲିକ୍ ସ୍କୁଲରୁ ଶେଷ କରିବା ପରେ ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରିଥିଲେ । ତେବେ ନିଜର ବ୍ୟକ୍ତିଗତ ଜୀବନକୁ ସବୁବେଳେ ସେ ଗଣମାଧ୍ୟମର ଚର୍ଚ୍ଚାରୁ ଦୂରରେ ରଖିବାକୁ ପସନ୍ଦ କରନ୍ତି । ପୂର୍ବରୁ ଅଭିନେତା ଭିକ୍କି କୌଶଲଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଚର୍ଚ୍ଚା ହୋଇଥିଲେ ବି ସେ ଏହା ସମ୍ପର୍କରେ କେବେ ବି ଖୋଲାଖୋଲି କଥା ହୋଇନଥିଲେ । ସେ ସବୁବେଳେ ନିଜର ନିଜସ୍ୱ ପରିଚୟ ଓ କାମକୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରିଆସିଛନ୍ତି । କୌଣସି ଗଡ୍‌ଫାଦର୍ ନଥାଇ 'ଦି ଡ୍ୟାନ୍ସୱର୍କସ'ରେ ନୃତ୍ୟ ପ୍ରଶିକ୍ଷକ ଓ 'ଇଣ୍ଡିଆ ଆଡଭେଞ୍ଚର୍ସ' ଭଳି ଶୋ'ରେ ଆଙ୍କରିଂରୁ କ୍ୟାରିୟର ଆରମ୍ଭ କରିଥିଲେ । ହରଲୀନ୍‌ଙ୍କୁ ଅଭିନୟରେ ଫେମ ପାଇବା ପାଇଁ ଅନେକ ଅଡିସନ୍ ଓ ରିଜେକସନର ସାମ୍ନା କରିବାକୁ ପଡ଼ିଥିଲା । ତେବେ ୨୦୧୮ ରେ ଅଲ୍ଟ ବାଲାଜୀର ପ୍ରସିଦ୍ଧ ଓଟିଟି ସିରିଜ୍ 'ବ୍ରୋକନ୍ ବଟ୍ ବିୟୁଟିଫୁଲ୍'ରେ ସମୀରା ଚରିତ୍ରରେ ଜବରଦସ୍ତ ଅଭିନୟ କରି ସେ ବଡ଼ ସଫଳତା ହାସଲ କରିଥଲେ । ଏହା ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା । ଏହାପରେ 'କୋହରା', 'ବ୍ୟାଡ୍ କପ୍' ଓ 'ଡକ୍ଟର୍ସ' ଭଳି ସିରିଜ୍‌ରେ ନିଜ ଅଭିନୟର ଦକ୍ଷତା ପ୍ରମାଣିତ କରିବା ପରେ, ନିକଟରେ ମୁକ୍ତିଲାଭ କରିଥିବା ନେଟଫ୍ଲିକ୍ସର ଓଟିଟି ସିରିଜ୍ 'ଶକ୍: ଟ୍ରଷ୍ଟ ନୋ ୱାନ୍' ରେ ସେ ନଜର ଆସିଛନ୍ତି । ଏଥିରେ ତାଙ୍କର ଅଭିନୟକୁ ଖୁବ ପ୍ରଶଂସା ମିଳୁଛି । ଏଥିରେ ସେ ଅଭିନେତ୍ରୀ ପରିଣୀତି ଚୋପ୍ରା, ଜେନିଫର ୱିଙ୍ଗେଟ୍, ତାହିର ରାଜ ଭସିନ୍ ଓ ଅନୂପ ସୋନୀଙ୍କ ଭଳି ପ୍ରସିଦ୍ଧ କଳାକାରଙ୍କ ସହ ନଜର ଆସିଛନ୍ତି । ଦର୍ଶକ ଓ ସମୀକ୍ଷକଙ୍କଠାରୁ ନିଜର ଦକ୍ଷ ଅଭିନୟ ପାଇଁ ସେ ବିପୁଳ ପ୍ରଶଂସା ସାଉଁଟୁଛନ୍ତି । ଆଗକୁ ଏହିଭଳି ଆହୁରି ଅନେକ ଭଲଭଲ ପ୍ରୋଜେକ୍ଟରେ କାମ କରିବାକୁ ଇଚ୍ଛା ରଖିଛନ୍ତି ହରଲିନ ।